ପ୍ରାରମ୍ଭିକ ବିଜ୍ଞାନ

TESS India

# ଗୋଷ୍ଠୀର ବ୍ୟବହାର : ପରିବେଶଗତ ସମସ୍ୟା

# Using the Community environmental Issues





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

cc BY SA
http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

### ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହି ସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।



ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ପ୍ରାରମ୍ଭିକ ବିଜ୍ଞାନ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ସୁସନ୍ଧ୍ୟା ମହାନ୍ତି ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଡକ୍ଟର ପ୍ରୀତିଲତା ଜେନା ସମୀକ୍ଷା କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ ଲେଖ http://creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

*TESS-India is led by The Open University UK and funded by UK aid from the UK government*

## ଏହି ଏକକରେ କ'ଣ ଅଛି

ଶିଶୁର ସାଧାରଣ ପ୍ରବୃତ୍ତି ହେଉଛି, ସେ ତା'ର ନିଜ ପୃଥିବୀକୁ ସ୍ୱତଃପ୍ରବୃତ୍ତ ଭାବେ ଅନ୍ୱେଷଣ କରଥାଏ । ବାହ୍ୟଶିକ୍ଷଣ ଏକ ପକ୍ଷରେ ସୃଜନାତ୍ମକ, ଆନନ୍ଦ ଦାୟକ ଏବଂ ଜଡ଼ିତ କରାଇଥାଏ । ସମସ୍ତ ପାଠ୍ୟକ୍ରମ ବିଷୟଗୁଡ଼ିକ ପାଇଁ ଏହା ଉତ୍ତମ ଅଭ୍ୟାସର ଏକ ଅବିଚ୍ଛେଦ୍ୟ ଅଂଶ । ବିଦ୍ୟାଳୟର ବାହ୍ୟ ପରିବେଶର ପ୍ରକୃତ ପୃଥିବୀ, ବାସ୍ତବ ଅଭିଜ୍ଞତା ପ୍ରଦାନ କରିବାର କ୍ଷମତା ଅଛି ଯାହା ବୈଜ୍ଞାନିକ ଚିନ୍ତାକୁ ଉଦ୍ଦିପିତ କରିବ । ଅନ୍ୟ ପକ୍ଷରେ ପାଠ୍ୟ ବିଷୟ ପାଇଁ ସକାରାତ୍ମକ, କାର୍ଯ୍ୟ କରିବାର ସୁଯୋଗ ଦେଇଥାଏ । ବିଦ୍ୟାଳୟର ବାହ୍ୟ ପରିବେଶର ଶିକ୍ଷା ଶିଶୁକୁ ବାସ୍ତବ ପୃଥିବୀ ସହ ପରିଚିତ କରାଇଥାଏ ଏବଂ ବୈଜ୍ଞାନିକ ଚିନ୍ତାଧାରା ପାଇଁ ଉତ୍ସାହିତ କରାଏ । ଶିଶୁମାନଙ୍କୁ ମଧ୍ୟ ତାଙ୍କ କାର୍ଯ୍ୟରେ ଜଡ଼ିତ କରାଇଥାଏ । ଏହା ଅଧିକନ୍ତୁ ପ୍ରାଥମିକ ବିଜ୍ଞାନ କାର୍ଯ୍ୟରେ ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ଦେଇଥାଏ ।

ଜାତୀୟ ପାଠ୍ୟକ୍ରମ ଆଧାର 2005 ଅନୁସାରେ, ଶିଶୁଟି ସ୍ୱାଭାବିକ ଶିକ୍ଷାର୍ଥୀ । ତାର ପ୍ରତ୍ୟେକ କାର୍ଯ୍ୟରେ ଜ୍ଞାନ ଆହରଣ ଓ ବୁଝିବାର ଶକ୍ତି ପ୍ରତିଫଳିତ ହୋଇଥାଏ । ଏଥିରେ କୁହାଯାଇଛି ଯେ, ଶିଶୁଟି ସାଧାରଣତ କୌତୂହଳୀ ହୋଇଥାଏ, କ୍ରମାଗତ ଭାବେ ବିଭିନ୍ନ ପ୍ରଶ୍ନ ପଚାରେ ଏବଂ ପରିବେଶକୁ ଅନ୍ୱେଷଣ କରି ନିଜ ପାଖର ପୃଥିବୀକୁ ବୁଝିବା ପାଇଁ ଚେଷ୍ଟା କରେ ।

ବାହ୍ୟ ଶିକ୍ଷଣ ପାଇଁ ନିଜ ଅଞ୍ଚଳରେ ଥିବା କୌଣସି ପାର୍କ କିମ୍ବା କ୍ଷେତ୍ର ପରିଦର୍ଶନକୁ ସାମିଲ କରାଯାଇପାରେ । କିନ୍ତୁ ବିଦ୍ୟାଳୟ ର ପଡ଼ିଆ ଓ ନିକଟବର୍ତ୍ତୀ ପରିବେଶ ଅନ୍ୱେଷଣ କରିବା ସମାନ ଭାବେ ଫଳପ୍ରଦ ।

ବିଜ୍ଞାନର ମୁଖ୍ୟ ପ୍ରସଙ୍ଗଗୁଡ଼ିକୁ କିପରି, ବାହ୍ୟ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ହାସଲ କରାଯାଇପାରେ, ତାହା ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି । ଏହି ପ୍ରସଙ୍ଗରେ ଉଦ୍ଭିଦ ଓ ପରିସ୍ଥାନ ସଂପର୍କରେ ଆଲୋଚନା କରାଯାଇଛି ।

## ଏହି ଏକକରୁ କ'ଣ ଶିଖିବେ

- ପ୍ରାରମ୍ଭିକ ସ୍ତରର ବିଜ୍ଞାନ ଶିକ୍ଷଣ ପାଇଁ ବାହ୍ୟ ପରିବେଶ ଏବଂ ଗୋଷ୍ଠୀକୁ କିପରି ବ୍ୟବହାର କରିହେବ ।
- ବିଜ୍ଞାନକୁ ବାସ୍ତବ ଦୁନିଆ ସହ ଯୋଡ଼ି, ଶିଶୁର ବୈଜ୍ଞାନିକ ଚିନ୍ତାଧାରାକୁ କିପରି ବୃଦ୍ଧି କରାଯାଇପାରିବ ।
- ଶ୍ରେଣୀ କକ୍ଷ ବାହାରେ ଥିବା ଗୋଷ୍ଠୀ ସମ୍ବଳ ଓ ପରିବେଶକୁ ବିଜ୍ଞାନ ଶିକ୍ଷଣ ପାଇଁ କିପରି ବ୍ୟବହାର କରିହେବ ଏବଂ ଶିକ୍ଷାର୍ଥୀମାନେ ସେଥିରେ ସକ୍ରିୟ ଅଂଶଗ୍ରହଣ କରିପାରିବେ, ତା'ର ଏକ ଯୋଜନା ପ୍ରସ୍ତୁତ କରିବା ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ଶିକ୍ଷକ ହିସାବରେ ଆପଣଙ୍କର କର୍ତ୍ତବ୍ୟ ହେଲା, ଶିଶୁକୁ ବିଜ୍ଞାନ ଶିକ୍ଷଣ ପ୍ରତି ଆକୃଷ୍ଟ କରାଇବା । ସ୍ଥାନୀୟ ପରିବେଶ ଏହି ଶିକ୍ଷଣ ପାଇଁ ଅନେକ ସୁଯୋଗ ଯୋଗାଇ ଥାଏ । ବିଜ୍ଞାନ ହେଉଛି ଗୋଟିଏ ପ୍ରୟୋଗିକ ବିଷୟ ଯାହାକି ଆମ ଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ବାହ୍ୟ ପରିବେଶରେ ବିଜ୍ଞାନ ଶିକ୍ଷଣ କରାଇଲେ, ଶିକ୍ଷାର୍ଥୀଟି ବିଜ୍ଞାନକୁ ନିତିଦିନିଆ ଜୀବନ ସହ ଯୋଡ଼ିପାରେ । ଆଞ୍ଚଳିକ ପରିସର ଏବଂ ତାର ସାଧନକୁ ବ୍ୟବହାର କରିବା ଦ୍ୱାରା ଶିକ୍ଷାର୍ଥୀଟି ବିଜ୍ଞାନ ଧାରଣାକୁ, ଆପଣ ପଢ଼ାଇଥିବା ପାଠ ସହିତ ଯୋଡ଼ିଥାଏ । ଏବଂ ନିତିଦିନିଆ ସମସ୍ୟାକୁ ସମାଧାନ କରି ଉପଯୁକ୍ତ ଭାବେ ବଞ୍ଚିପାରେ ।

## ଆଞ୍ଚଳିକ ପରିବେଶକୁ ସମ୍ବଳରୂପେ ବ୍ୟବହାର କରିବା

ବହୁତଗୁଡ଼ିଏ ପ୍ରାରମ୍ଭିକ ବିଜ୍ଞାନ ପ୍ରସଙ୍ଗ ବିଦ୍ୟାଳୟ ବାହ୍ୟ ପରିବେଶର ଅନ୍ୱେଷଣ ଓ ସ୍ଥାନୀୟ ସମ୍ବଳ ବ୍ୟବହାର କରି ପଢ଼ାଯାଇ ପାରିବ ।

## ଶିକ୍ଷଣକାର୍ଯ୍ୟ-1 : ଆଞ୍ଚଳିକ ପରିସରକୁ ଅନ୍ୱେଷଣ କରିବା :

ଏହା ଆପଣଙ୍କ ପାଇଁ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟକ୍ରମଟିଏ । ଶିକ୍ଷଣକାର୍ଯ୍ୟରେ ଆପଣ ଆପଣଙ୍କର ଆଞ୍ଚଳିକ ପରିବେଶକୁ ବ୍ୟବହାର କରିବେ ଯାହାଦ୍ୱାରା ଶିଶୁଟି ତା' ପାରିପାର୍ଶ୍ୱିକ ପରିସ୍ଥିତିକୁ ବୁଝିବାକୁ ସକ୍ଷମ ହେବ ।

ଏହି ଯୋଜନାଟି କରିବା ପୂର୍ବରୁ ଆପଣ ନିଜେ ଆପଣଙ୍କ ବିଦ୍ୟାଳୟ ତଥା ଆପଣଙ୍କ ଅଞ୍ଚଳର ପରିବେଶ ଚାରିପଟେ ଘୂରି ଆସିଥିବେ। ଆପଣ ବୁଲିବା ସମୟରେ ଆପଣଙ୍କ ଅଞ୍ଚଳରେ ଥିବା କେଉଁ ସବୁ ଜିନିଷ ପ୍ରାଥମିକ ସ୍ତରରେ ବିଜ୍ଞାନର ପରିବେଶ ପାଠରେ ସାହାଯ୍ୟ କରିବ, ତା'ର ଏକ ତାଲିକା ପ୍ରସ୍ତୁତ କରିବେ । ଚିନ୍ତାକରି ନିଅନ୍ତୁ, ଆପଣ କିପରି ଏହି ଅଞ୍ଚଳକୁ ବ୍ୟବହାର କରିବେ । ଉଦାହରଣ ସ୍ୱରୂପ: କେଉଁ ଅଞ୍ଚଳକୁ ଆପଣ ଉଦ୍ଭିଦ ଓ ତା'ର ପରିସ୍ଥାନ ସଂପର୍କରେ ଜାଣିବା ପାଇଁ ବ୍ୟବହାର କରିବେ ତାହା ଠିକ୍ କରି ନିଅନ୍ତୁ ।

## ପରିସ୍ଥିତି ଅନୁଧ୍ୟାନ 1: ଆସ ଉଦ୍ଭିଦ ସଂଗ୍ରହ କରିବା

*ଶ୍ରୀଯୁକ୍ତ ଦାସ ଏଠାରେ ବର୍ଣ୍ଣନା କରିଛନ୍ତି, ସେ କିପରି ନିଜର ବିଜ୍ଞାନ ଶ୍ରେଣୀକୁ ବିଜ୍ଞାନର ପ୍ରସଙ୍ଗ ଉଦ୍ଭିଦ ବିଷୟରେ ପଢ଼ାଇବାକୁ ଚିତ୍ତାକର୍ଷକ କରାଇବା ପାଇଁ ବିଦ୍ୟାଳୟ ବାହାର ପଡ଼ିଆକୁ ବ୍ୟବହାର କରିଥିଲି ।*

ମୁଁ ଯେହେତୁ ଏକ ଗ୍ରାମ୍ୟ ବିଦ୍ୟାଳୟରେ କାମ କରୁଥିଲି, ଯାହାର ଚାରିପାଖରେ ଅନେକ କୃଷିକ୍ଷେତ୍ର ଓ ବୃକ୍ଷଲତା ଭରି ରହିଥିଲା, ତେଣୁ ମୁଁ ଶିକ୍ଷାର୍ଥୀମାନଙ୍କୁ ଏକ ବୁଦାକୁ ପଠାଇବାକୁ ଠିକ୍ କଲି ଯେଉଁଠାରେ କି ବିଭିନ୍ନ ପ୍ରକାରର ଉଦ୍ଭିଦ ବଢ଼ିଥିଲେ । ମୁଁ କ'ଣ କରିବାକୁ ଯାଉଛି ସେ ସଂପର୍କରେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲି, ସେ ବହୁତ ଖୁସି ହେଲେ ଏବଂ ସବୁ ସହକର୍ମୀମାନଙ୍କୁ ମୋ କାର୍ଯ୍ୟରେ ସହଯୋଗ କରିବା ପାଇଁ ଉତ୍ସାହିତ କଲେ ।

ପ୍ରଥମ ଦିନ ମୋ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ଆମେ କ'ଣ ସବୁ କରିବା ସେ ସଂପର୍କରେ ବୁଝାଇଥିଲି । ସେମାନେ କିପରି ପ୍ରତ୍ୟେକ ଉଦ୍ଭିଦରୁ ନମୁନା ସଂଗ୍ରହ କରିବେ । ଯେପରିକି ଉଦ୍ଭିଦଗୁଡ଼ିକ ନଷ୍ଟ ହୋଇ ନ ଯିବ, ସେଥିପ୍ରତି ଧ୍ୟାନ ଦେବା ପାଇଁ କହିଥିଲି । ମୁଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ପ୍ରକାର ଉଦ୍ଭିଦ ସଂଗ୍ରହ କରିବାକୁ କହିଥିଲି ।

ଯେ ଯେତେ ଅଧିକ ଉଦ୍ଭିଦ ସଂଗ୍ରହ କରିବ, ସେତେ ଭଲ । ପ୍ରତ୍ୟେକ ଶିକ୍ଷାର୍ଥୀ ଅତି କମ୍‌ରେ ଛଅଟି ଲେଖାଏଁ ଉଦ୍ଭିଦ ସଂଗ୍ରହ କରିବେ । ସେମାନେ ନିଜ ଭିତରେ କଥାବାର୍ତ୍ତା ହୋଇ ସଂଗ୍ରହ କରିବେ । ଯେପରି ସମସ୍ତେ ଏକା ପ୍ରକାର ଛଅଟି ଉଦ୍ଭିଦ ସଂଗ୍ରହ ନ କରନ୍ତି । କାର୍ଯ୍ୟ କଲାବେଳେ ଜୋର୍‌ରେ ପାଟି କରି ଅନ୍ୟମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ନ କରିବାକୁ କହିଥିଲି । ସେମାନେ ବିଭିନ୍ନ ଉଦ୍ଭିଦ ସଂଗ୍ରହ କଲାବେଳେ ମୁଁ ସେଠାରେ ଉପସ୍ଥିତ ରହି ସେମାନଙ୍କର କଥା ଏବଂ କାର୍ଯ୍ୟକୁ ତଦାରଖ କରୁଥିଲି । ସେମାନଙ୍କର କଥାବାର୍ତ୍ତା ବହୁତ ଚିତ୍ତାକର୍ଷକ ଥିଲା । ସେମାନେ ବହୁତ ଅଳ୍ପ ଗଛକୁ ଚିହ୍ନି ପାରୁଥିଲେ । ଏବଂ କେତେକ ଉଦ୍ଭିଦକୁ ଚିହ୍ନି ପାରୁନଥିଲେ ଯେଉଁଗୁଡ଼ିକ ପାଣିଥିବା ଖାଲରେ ଉଠିଥିଲା ।

ଅଳ୍ପ ସମୟ ପରେ ମୁଁ ସମସ୍ତଙ୍କୁ ଡାକି ଗଛ ତଳେ ଏକାଠି ବସାଇଲି, ସମସ୍ତେ ନିଜ ନିଜ ଉଦ୍ଭିଦଗୁଡ଼ିକୁ ତଳେ ରଖିଲେ । ତାପରେ ଶିକ୍ଷାର୍ଥୀମାନେ ଦୁଇ ଦୁଇ  ଜଣ ହୋଇ କାମ କଲେ । ତା ପରେ ଚାରି ଜଣ ଲେଖାଏଁ ଶିକ୍ଷାର୍ଥୀଙ୍କୁ ନେଇ ଛୋଟଛୋଟ ଦଳଗଠନ କଲି । ସେମାନେ କେଉଁ କେଉଁ ଉଦ୍ଭିଦ ସଂଗ୍ରହ କରିଛନ୍ତି ତାର ନାମ କହିବାକୁ କହିଲି ।

ତାଙ୍କୁ ପଚାରିଲି, "ତୁମେ କିପରି ଜାଣିଲ ପ୍ରତ୍ୟେକଟି ଗଛ ଅନ୍ୟଗଛ ଠାରୁ ଭିନ୍ନ" ? ସେମାନେ ପତ୍ରର ଆକାର, ଫୁଲ ଢ଼ଙ୍ଗ, ଆହୁରି ଅନେକ ଶବ୍ଦ ବ୍ୟବହାର କରି ଗଛର ବିଭିନ୍ନ ଗୁଣ ସଂପର୍କରେ ବର୍ଣ୍ଣନା କଲେ । ପ୍ରତ୍ୟେକ ଦଳକୁ ନମୁନାଗୁଡ଼ିକ ଶ୍ରେଣୀକକ୍ଷକୁ ଆଣିବା ପାଇଁ କହିଲି । ପ୍ରତ୍ୟେକ ଦଳକୁ ଖଣ୍ଡେ ଖଣ୍ଡେ ଖବର କାଗଜ ନେଇ ତା ଉପରେ ଗଛଗୁଡ଼ିକୁ ରଖିବା ପାଇଁ କହିଲି ଏବଂ ସେଗୁଡ଼ିକୁ ପରବର୍ତ୍ତୀ ଶ୍ରେଣୀ ପାଇଁ ଚାପି ରଖିବା ପାଇଁ କହିଲି ।

ପରବର୍ତ୍ତୀ ଶ୍ରେଣୀରେ ଉଦ୍ଭିଦର ଭିନ୍ନ ଅଂଶକୁ ଟିକନିଖ୍ ଦେଖିବା ପାଇଁ କହିଲି । ଆମେ ଦେଖିଲୁ ଯେ କେତେକ ଉଦ୍ଭିଦର ବିଭିନ୍ନ ଅଂଶଗୁଡ଼ିକ ସମାନଥିଲେ ମଧ୍ୟ ଆକାର ଓ ଆକୃତିରେ ଭିନ୍ନ ଥିଲା । ସେମାନେ ବହୁତ ଯତ୍ନର ସହିତ ଉଦ୍ଭିଦଗୁଡ଼ିକ ସଜାଇ ରଖିଲେ, ଏବଂ ତା ଉପରେ ମୋଟା ମୋଟା ବହି ରଖି ଚାପି ଧରିଲେ ।

ଶିକ୍ଷାର୍ଥୀମାନଙ୍କର ଜିଜ୍ଞାସୁ ମନୋଭାବ, ପର୍ଯ୍ୟବେକ୍ଷଣ ଓ ଆଗ୍ରହ ଦେଖି ବହୁତ ଖୁସି ଲାଗିଲା । ପୂର୍ବ ବର୍ଷ ମାନଙ୍କରେ ମୁଁ ଅଧିକାଂଶ ସମୟରେ ଦେଖିଛି ବହିର ଏହି ଉଦ୍ଭିଦ ବିଷୟଟିକୁ ପଢ଼ିବାକୁ ଶିକ୍ଷାର୍ଥୀମାନେ ଆଦୌ ପସନ୍ଦ କରୁନ ଥିଲେ । ତେଣୁ ଏହା ଏକ ଭରସା ଯୋଗ୍ୟ ପଦକ୍ଷେପ ଥିଲା ।



### ଟିକିଏ ଚିନ୍ତା କରନ୍ତୁ

- ଆପଣ ଚିନ୍ତା କରି ପାରିବେ କି, ଏହି ଶିକ୍ଷଣକାର୍ଯ୍ୟଟି ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପାଇଁ କିପରି କାର୍ଯ୍ୟ କରିବ ?
- ଆଞ୍ଚଳିକ ପରିବେଶରୁ ଆଉ କେଉଁ ବିଷୟ ସବୁ ଶିକ୍ଷାର୍ଥୀମାନେ ଶିଖିପାରିବେ ?

## ଶିକ୍ଷଣକାର୍ଯ୍ୟ : 2 ଶ୍ରେଣୀ କକ୍ଷରେ ସଂଗ୍ରହାଳୟ ତିଆରି କରିବା

କୌଣସି ପ୍ରସଙ୍ଗକୁ ଆରମ୍ଭ କରିବା ପାଇଁ ସଂଗ୍ରହାଳୟକୁ କିପରି ବ୍ୟବହାର କରିବେ, ଚିନ୍ତା କରନ୍ତୁ । ଏହାକୁ ଶିକ୍ଷାର୍ଥୀମାନେ ଶ୍ରେଣୀରେ ସଜାଇବେ । ଆପଣ ଉଦ୍ଭିଦ ବଦଳରେ କେତେକ ସାମଗ୍ରୀ ବ୍ୟବହାର କରିପାରନ୍ତି । ଶିକ୍ଷାର୍ଥୀମାନେ କିଛି ସାମଗ୍ରୀ ସଂଗ୍ରହ କରି ଦଳରେ ସେଗୁଡ଼ିକୁ ସଜାଇବାରେ ସମୟ କଟାଇବେ । ଆପଣଙ୍କ ଶିକ୍ଷାର୍ଥୀମାନେ ବାହାରକୁ ଯାଇ କିପରି ବିଭିନ୍ନ ସାମଗ୍ରୀ ସଂଗ୍ରହ କରିବେ ସେଥିପାଇଁ ବ୍ୟବସ୍ଥା କରନ୍ତୁ । ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟରେ କାର୍ଯ୍ୟ କରିବା ପାଇଁ ପ୍ରଧାନଶିକ୍ଷକଙ୍କୁ ଜଣାଇବା ପାଇଁ ଭୁଲିବେ ନାହିଁ । ପାଠ ପଢ଼ାଇ ସାରିଲା ପରେ ଦେଖନ୍ତୁ ଆପଣଙ୍କ ଶିକ୍ଷାର୍ଥୀମାନେ କିପରି ଉତ୍ତର ଦେଉଛନ୍ତି । ଆବଶ୍ୟକ ସ୍ଥଳେ ସେମାନଙ୍କୁ ସାହାଯ୍ୟ କରନ୍ତୁ ।

ଏପରି ଶିକ୍ଷଣ ଅତି ସହଜ ଏବଂ କୌଣସି ସମ୍ବଳର ଆବଶ୍ୟକତା ନ ଥାଏ । କାରଣ ଶିକ୍ଷାର୍ଥୀମାନେ ନିଜେ ନିଜର କାର୍ଯ୍ୟ କରିଥାଆନ୍ତି । ସେ ହିଁ ଜଣେ ଆଦର୍ଶ ଶିକ୍ଷକ, ଯେ କି ପାଖରେ ମିଳୁଥିବା ସମ୍ବଳକୁ ଉପଯୋଗ କରି ଶିକ୍ଷଣକାର୍ଯ୍ୟ କରିଥାଏ ।



ଭିଡ଼ିଓ : ଆଞ୍ଚଳିକ ସମ୍ବଳର ବ୍ୟବହାର



### ଟିକିଏ ଚିନ୍ତା କରନ୍ତୁ

- ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ସବୁ ଜିନିଷ ପାଇଲେ ?
- ଏହି ଜିନିଷ ଗୁଡ଼ିକ ଅନ୍ୟ କେଉଁ ଶିକ୍ଷଣ ପାଇଁ ବ୍ୟବହାର କରାଯାଇ ପାରିବେ ?
- ଏପରି ଶିକ୍ଷଣକାର୍ଯ୍ୟ ପାଇଁ ଶିକ୍ଷାର୍ଥୀମାନଙ୍କର କି ପ୍ରକାର ପ୍ରତିକ୍ରିୟା ଥିଲା ?
- ଏପରି ଶିକ୍ଷଣକାର୍ଯ୍ୟକୁ ଆପଣ କିପରି ବଢ଼ାଇ ପାରିବେ ?

## 2 ସମ୍ବଳ ସମ୍ପନ୍ନ ହେବା

ଆପଣ କେତେକ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟ କରିଥିବେ । ଯେତେବେଳେ କି ବିଦ୍ୟାଳୟରେ ଆପଣଙ୍କ ପାଖରେ ଖୁବ୍ କମ୍ ସରଞ୍ଜାମ ବା ସମ୍ବଳ ରହିଥିବ । ତେଣୁ ଆପଣ ଶ୍ରେଣୀ କୋଠରି ବାହାରକୁ ଯାଇ ଶିକ୍ଷଣ କାର୍ଯ୍ୟ କଲେ ତାହା ଆପଣଙ୍କ ଶିକ୍ଷଣକୁ ଅଧିକ ସକ୍ରିୟ କରିବ । ସମ୍ବଳ 1: "ସ୍ଥାନୀୟ ପରିସରକୁ ବ୍ୟବହାର" କରିବା କଥାଟିକୁ ଶିକ୍ଷଣକାର୍ଯ୍ୟ-3 କରାଇବା ପୂର୍ବରୁ ପଢ଼ିବେ ।

ପରବର୍ତ୍ତୀ, ଗୋଟିଏ ଛଅ ଜଣିଆ ଶିକ୍ଷକ ଥିବା ବିଦ୍ୟାଳୟ, ଯେଉଁଠାରେ କି ସମସ୍ତ ସହକର୍ମୀ ଗୋଟିଏ ଦଳପରି ସ୍ଥାନୀୟ ପରିବେଶକୁ ବ୍ୟବହାର କରି କିପରି ନିଜକୁ ଅଧିକ ସାମର୍ଥ୍ୟ କରିବେ, ସେ ସଂପର୍କରେ ଚିନ୍ତା କରିଛନ୍ତି ।

## ପରିସ୍ଥିତି ଅନୁଧ୍ୟାନ 2 : ଏକ ସମ୍ବଳ ସମ୍ପନ୍ନ ବିଦ୍ୟାଳୟ

*ଶ୍ରୀମତୀ ପଟ୍ଟନାୟକ ସମ୍ବଳ-2 ପଢ଼ି ଦଳ କରି ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟ ବାହାରକୁ ନେଇ ପରିସ୍ଥାନ ସଂପର୍କରେ ପଢ଼ାଇଥିଲେ । ଏହି କାର୍ଯ୍ୟ କରିବା ଦ୍ୱାରା ତାଙ୍କର ଅନୁଭୂତି ସେ ଏଠାରେ ବର୍ଣ୍ଣନା କରିଛନ୍ତି ।*

ଆମର ପ୍ରଧାନ ଶିକ୍ଷକ ଜଣେ ଖୁବ୍ ଭଲ ଶିକ୍ଷକ ଏବଂ ସେ ଅଧିକାଂଶ ସମୟରେ ବାହ୍ୟ ପରିବେଶକୁ ଶ୍ରେଣୀ କାର୍ଯ୍ୟ ବ୍ୟବହାର କରନ୍ତି। ଦିନେ ସାପ୍ତାହିକ ବୈଠକରେ ସେ ଆମକୁ ଶିକ୍ଷଣରେ ସ୍ଥାନୀୟ ପରିବେଶକୁ କିପରି ଆଉ କେଉଁ ବିଷୟ ପାଇଁ ଅଧିକ ବ୍ୟବହାର କରିପାରିବା, ସେ ସଂପର୍କରେ ଆଲୋଚନା କଲେ ।

କଥାବାର୍ତ୍ତା କରିବା ଭିତରେ ସେ ଆମେ କହୁଥିବା ଧାରଣାଗୁଡ଼ିକୁ ଲେଖି ରଖୁଥିଲେ । ସେହି ଧାରଣା ଗୁଡ଼ିକ ଉପରେ କଥାବାର୍ତ୍ତା କରିବା ଦ୍ୱାରା ସ୍ଥାନୀୟ ପରିବେଶକୁ କିପରି ବ୍ୟବହାର କରାଯାଇ ପାରିବ ସେ ବିଷୟରେ ଅନେକ ଗୁଡ଼ିଏ ପ୍ରସ୍ତାବ ଆସିଥିଲା ସେଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ନିମ୍ନରେ ଦିଆଗଲା:

- ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟ ବାହାରକୁ ନେଇ ଉଦ୍ଭିଦ ଓ ପ୍ରାଣୀଜଗତ ସଂପର୍କରେ ଅନ୍ୱେଷଣ କରିବା
- ସେହି ଅଞ୍ଚଳର ନକ୍ସା ଅଙ୍କନ କରିବା
- ବିଦ୍ୟାଳୟ ପରିସରକୁ ମାପକରି ବିଭିନ୍ନ କାର୍ଯ୍ୟ କରିବା ପାଇଁ ସ୍ଥାନ ଚିହ୍ନଟ କରିବା
- ପରିବେଶରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରି ଶ୍ରେଣୀ କୋଠରିରେ ବ୍ୟବହାର କରିବା
- ବିଭିନ୍ନ ପ୍ରକାର ଜିନିଷ ଚିହ୍ନଟ କରାଇବା ପାଇଁ ଚିହ୍ନ ଦେବା
- ପରିସ୍ଥାନକୁ ପର୍ଯ୍ୟବେକ୍ଷଣ କରିବା
- ସୂର୍ଯ୍ୟ ଏବଂ ଛାୟା ଇତ୍ୟାଦିକୁ ନିରୀକ୍ଷଣ କରିବା।
- ଅଞ୍ଚଳର ସ୍ଥାନୀୟ ବିଶେଷଜ୍ଞଙ୍କୁ ବିଦ୍ୟାଳୟକୁ କିମ୍ବା କାର୍ଯ୍ୟ କରୁଥିବା ସ୍ଥାନକୁ ନିମନ୍ତ୍ରଣ କରି ଶିକ୍ଷାର୍ଥୀମାନଙ୍କୁ କିଛି କହିବା ପାଇଁ କହିବେ ।
- ପରିବେଶ ସଂରକ୍ଷଣ ସମସ୍ୟା ପ୍ରତି ଦୃଷ୍ଟି ଦେବା
- କାଗଜ ନଥିଲେ ତା ଯାଗାରେ ପୁରୁଣା କାଗଜ, ଲଫାପା, କାଗଜପେଟି ଗୁଡ଼ିକୁ ସଂଗ୍ରହକରି ପୁନର୍ବାର ବ୍ୟବହାର କରିବା।

ଆଗରୁ ମୋର ଏସବୁ ବିଷୟରେ ଧାରଣା ନ ଥିଲା, ତେଣୁ ତାଲିକାଟିକୁ ଦେଖି ମୁଁ ଉତ୍ସାହିତ ହୋଇଯାଇଥିଲି । ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଯ୍ୟ ଥିଲା ଆମେ କିପରି, କେଉଁଠି ଏ ସବୁକୁ ବ୍ୟବହାର କରିବୁ । ପ୍ରଥମେ ଆମେ ସମସ୍ତେ ରାଜି ହେଲୁ, ସାମଗ୍ରୀ ସଂଗ୍ରହ ପାଇଁ ଶିକ୍ଷାର୍ଥୀଙ୍କର ସାହାଯ୍ୟ ନେବୁ । ତେଣୁ ଏକ ତାଲିକା ଦେଇ ଶିକ୍ଷାର୍ଥୀମାନଙ୍କୁ ସାତଦିନ ମଧ୍ୟରେ ସଂଗ୍ରହ କରି ଆଣିବା ପାଇଁ କହିଲୁ । ଦ୍ୱିତୀୟତଃ, ମୁଁ ଯେତେବେଳେ ମୋର ସପ୍ତମ ଶ୍ରେଣୀ ଶିକ୍ଷାର୍ଥୀମାନଙ୍କୁ ବନୀକରଣ ସଂପର୍କରେ ପଢ଼ାଇବାକୁ ଚିନ୍ତାକଲି, ସେତେବେଳେ ମୁଁ ପ୍ରଧାନ ଶିକ୍ଷକଙ୍କ ଅନୁମତି ନେଇ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଏହି ସମସ୍ୟା ସଂପର୍କରେ ଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିବା ପାଇଁ ନିମନ୍ତ୍ରଣ କଲି । ମୁଁ ଘରକୁ ଯାଇ ଏଥିପାଇଁ ଯୋଜନା ପ୍ରସ୍ତୁତ କଲି । ଜଙ୍ଗଲ ଅଧିକାରୀ ବିଦ୍ୟାଳୟକୁ ଆସିବାକୁ ରାଜିହେଲେ ମୋ ଶିକ୍ଷଣ ଉଦ୍ଦେଶ୍ୟକୁ ତାଙ୍କୁ ସଂକ୍ଷେପରେ ଅବଗତ କରାଇବା ପାଇଁ ସ୍ଥିରକଲି।



### ଟିକିଏ ଚିନ୍ତା କରନ୍ତୁ

- ଶିକ୍ଷଣକାର୍ଯ୍ୟ-1 ସହିତ ଉପର ପରିସ୍ଥିତି ଅନୁଧ୍ୟାନ କିପରି ମିଶୁଛି ?

- ଏହି ପରିସ୍ଥିତି ଅନୁଧ୍ୟାନରେ ତାଲିକାଟିକୁ ବଢ଼ାଇବା ପାଇଁ କିଛି ସୁବିଧା ଅଛି କି ?
- ଯଦି ଅଛି, ତେବେ ବର୍ତ୍ତମାନ ଲେଖି ତାଲିକାଟିକୁ ବଢ଼ାନ୍ତୁ ।
- ଆପଣ କିଛି ଜିନିଷ ସଂଗ୍ରହ କରି ବିଦ୍ୟାଳୟର ସଂଗ୍ରାହଳୟକୁ କିପରି ବଢ଼ାଇବେ, ଯାହାକି ଆପଣଙ୍କୁ ଓ ଆପଣଙ୍କ ସହକର୍ମୀମାନଙ୍କୁ ପଢ଼ାଇବା ସମୟରେ ସାହାଯ୍ୟ କରିବେ ?
- ଅପାଣ କେବେ ଚିନ୍ତା କରିଛନ୍ତି କି ଆଉ କେଉଁ ଉପାୟରେ ଆପଣ ଅଧିକ ସମୃଦ୍ଧ ହୋଇପାରିବେ ? ଉଦାହରଣ ସ୍ୱରୂପ, ଯେପରି ଅନୁଭୂତି ସଂପନ୍ନ ବ୍ୟକ୍ତିଙ୍କୁ ବିଦ୍ୟାଳୟକୁ ଡାକି ଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିବାକୁ କହିବା ।

ବର୍ତ୍ତମାନ କାମ ବନ୍ଦ କରି ବିଦ୍ୟାଳୟରେ ଥିବା ଓ ନ ଥିବା ସମ୍ବଳକୁ ତଦାରଖ କରନ୍ତୁ । ଆପଣଙ୍କ ପାଖରେ ଥିବା ଜିନିଷକୁ କିପରି ବଢାଇବେ ସେ ସମ୍ପର୍କରେ ଚିନ୍ତା କରନ୍ତୁ । ଏହାଦ୍ୱାରା ଖାଲି ଯେ ଆପଣଙ୍କ ପାଖରେ ଶିକ୍ଷଣ ପାଇଁ କଣ ସବୁ ସମ୍ବଳ ଅଛି ତାହା ଜାଣି ପାରିବେ, ତା ନୁହେଁ ଏହାଦ୍ୱାରା ଆପଣଙ୍କ ଅଞ୍ଚଳରେ ଆଉ କେଉଁ ସବୁ ସମ୍ବଳ ଅଛି, ସେ ସମ୍ପର୍କରେ ଚିନ୍ତା କରିବେ, ସେଗୁଡ଼ିକୁ ସଂଗ୍ରହ କରିବେ ଏବଂ ସେ ସବୁକୁ ଆଣି ଶିକ୍ଷଣକାର୍ଯ୍ୟରେ ବ୍ୟବହାର କରିପାରିବେ । ସହକର୍ମୀମାନଙ୍କ ସହ ଆଲୋଚନା କରି ନିଜ ଅଞ୍ଚଳରେ ଯେଉଁ ସବୁ ସମ୍ବଳ ଅଛି, ତାହା ଜାଣି ସଂଗ୍ରହ କରିବେ । ଏ ସମସ୍ତ ସମ୍ବଳକୁ ଶିକ୍ଷଣକାର୍ଯ୍ୟରେ ବ୍ୟବହାର କରିବା ପାଇଁ ଯୋଜନା ପ୍ରସ୍ତୁତ କରିବେ । ଏହା ଶିକ୍ଷାର୍ଥୀଙ୍କ ଉପରେ କିପରି ପ୍ରଭାବ ପକାଉଛି ଏବଂ ଶିକ୍ଷାର୍ଥୀମାନେ କେତେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟ କରୁଛନ୍ତି, ଏହା ଦେଖିବା ସହଜ ହେବ ।

## 3 ବାହ୍ୟ ପରିବେଶକୁ ବ୍ୟବହାର କରିବାର ଉପକାରିତା

ଆଞ୍ଚଳିକ ବାହ୍ୟ ପରିବେଶକୁ ବ୍ୟବହାର କରିବା ଦ୍ୱାରା:

- ଏହା ଶିକ୍ଷଣକୁ ପ୍ରସଙ୍ଗ ଭିତ୍ତିକ କରିବାରେ ସାହାଯ୍ୟ କରିଥାଏ, କାରଣ ଏହା ଏକ ପ୍ରକୃତ ପରିବେଶ ଉପରେ ଆଧାରିତ ।
- ବୈଜ୍ଞାନିକ ଧାରଣାଗୁଡ଼ିକ ସିଧାସଳଖ ବାସ୍ତବିକ ପରିବେଶକୁ ପର୍ଯ୍ୟବେକ୍ଷଣ କରି ବୁଝିବାରେ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରେ ।
- ଶିକ୍ଷଣକୁ ନିଷ୍କ୍ରିୟ ନକରି ଅଧିକ ସକ୍ରିୟ କରାଏ ।
- ଏହା ଶିକ୍ଷାର୍ଥୀ ପର୍ଯ୍ୟବେକ୍ଷଣ କରିବା କୌଶଳ, ତଥ୍ୟ ସଂଗ୍ରହ ପ୍ରଣାଳୀ ଏବଂ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ସୁଯୋଗ ଯୋଗାଇଥାଏ ।
- ସମସ୍ତ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଦକ୍ଷତା ଓ ଶିକ୍ଷଣ ଆବଶ୍ୟକତା ଅନୁସାରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇଥାଏ ।
- ଶିକ୍ଷାର୍ଥୀମାନଙ୍କର ବ୍ୟକ୍ତିଗତ ଓ ସାମାଜିକ ଭାବବିନିମୟ କୌଶଳ ବୃଦ୍ଧି କରିବାରେ ସୁଯୋଗ ସୃଷ୍ଟିକରେ ।
- ଶିକ୍ଷାର୍ଥୀମାନେ ବୁଲାବୁଲି କରି ଶିକ୍ଷଣକାର୍ଯ୍ୟ କରିବା ପାଇଁ ଅଧିକ ସ୍ଥାନ ପାଇଥାଆନ୍ତି ଏବଂ ସ୍ୱାଧୀନ ଭାବରେ ଜଟିଳ ଏବଂ ଅସାଧ୍ୟ କାର୍ଯ୍ୟ ମଧ୍ୟ କରିପାରନ୍ତି ।
- ଏପରି ଶିକ୍ଷଣ ଅନୁଭୂତି ଗୁଡ଼ିକ ଅଧିକ ସ୍ମରଣୀୟ ହୋଇଥାଏ ।
- ଏହା ସ୍ୱତଃସ୍ଫୁର୍ତ ଏବଂ ଆଶା କରି ନଥିବା ଶିକ୍ଷଣ ପାଇଁ ସୁଯୋଗ ସୃଷ୍ଟି କରିଥାଏ ।
- ଶିକ୍ଷାର୍ଥୀମାନେ ଅଧିକ ଚିନ୍ତା କରିବାର ଦକ୍ଷତା ବଢ଼ାଇଥାଏ ।
- ସ୍ଥାନୀୟ ଗୋଷ୍ଠୀ ସହିତ ସଂପର୍କ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ ।

ଏସବୁ କରିବା ଦ୍ୱାରା ଶିକ୍ଷାର୍ଥୀମାନେ ଭଲରେ ବୁଝି ପାରିବେ ଓ ଆଞ୍ଚଳିକ ପରିବେଶ ପ୍ରତି ସେମାନଙ୍କର ସମ୍ବେଦନଶୀଳତା ବଢ଼ିବ: ଜଣେ ଶିକ୍ଷକ ହିସାବରେ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀକକ୍ଷ ବାହାରେ ଥିବା ପଢ଼ିଆକୁ ନେଇ ଅନେକଗୁଡ଼ିଏ ବିଷୟ ପଢ଼ାଇ ପାରିବେ । ଏହାଦ୍ୱାରା ଶିକ୍ଷଣ ଏକ ପ୍ରାକୃତିକ ପରିବେଶରେ ହୋଇପାରିବ ।

ଆପଣ ଯଦି ଗୋଟିଏ ଗ୍ରାମ୍ୟ ବିଦ୍ୟାଳୟରେ କାମ କରୁଛନ୍ତି, ଆପଣ ଶିକ୍ଷାର୍ଥୀମାନଙ୍କୁ ସାଙ୍ଗରେ କୃଷି କ୍ଷେତ୍ର, ପୋଖରୀକୁ ବୁଲାଇ ନେଇ ବିଭିନ୍ନ ଶିକ୍ଷଣକାର୍ଯ୍ୟ କରିପାରିବେ । ଯଦି ଆପଣ ସହରାଞ୍ଚଳ ବିଦ୍ୟାଳୟରେ କାମ କରୁଛନ୍ତି, ତେବେ ଶିକ୍ଷାର୍ଥୀମାନଙ୍କୁ ପାର୍କ, ବଗିଚା, ଚିଡ଼ିଆଖାନା କିମ୍ବା ନର୍ସରୀକୁ ଦେଖାଇ ପାରିବେ ।

## ପରିସ୍ଥିତି ଅନୁଧ୍ୟାନ 3 : ଶ୍ରୀମତୀ ଗୀତା ଦେବୀଙ୍କର ବାହ୍ୟ ଶିକ୍ଷଣ ପାଇଁ ଯୋଜନା

*ଯେତେବେଳେ ଗୀତା ଦେବୀ ତାଙ୍କ ଶିକ୍ଷାର୍ଥୀମାନଙ୍କ ନିକଟରେ ପରିସ୍ଥାନ ସଂପର୍କରେ ବର୍ଣ୍ଣନା କଲେ, ସେ ଜାଣିବାକୁ ପାଇଲେ, ଶିକ୍ଷାର୍ଥୀମାନେ ବଡ଼ବଡ଼ ପରିସ୍ଥାନ ସମ୍ପର୍କରେ ଜାଣିଛନ୍ତି । କିନ୍ତୁ ସାନସାନ ପରିସ୍ଥାନ ଯାହାକି ତାଙ୍କ ଅଞ୍ଚଳରେ ଦେଖାଯାଏ, ସେ ସଂପର୍କରେ କହିପାରିଲେ ନାହିଁ । ଏହାକୁ ଲକ୍ଷ୍ୟକରି ସେ ଗୋଟିଏ ବାହ୍ୟ ଶିକ୍ଷଣର ଯୋଜନା କଲେ, ଯାହାଦ୍ୱାରା ତାଙ୍କ ଶିକ୍ଷାର୍ଥୀ ସେମାନଙ୍କ ନିକଟରେ ଦେଖାଯାଉଥିବା ପରିସ୍ଥାନକୁ ଚିହ୍ନଟ କରିପାରିବେ ।*

ସେ ଏହି କାର୍ଯ୍ୟକ୍ରମ କରିବାର ସପ୍ତାହକ ପୂର୍ବରୁ ବିଦ୍ୟାଳୟ ପରିସର ମଧ୍ୟରେ ବୁଲି ଗୋଟିଏ ସାନ ପରିସ୍ଥାନ ଠିକ୍ କରିଲେ, ସେଠାରେ ବଡ଼ ପଥର, ଫୁଟ୍‌ପାଥ୍‌ର ଭଙ୍ଗା ଅଂଶ, ଭାଙ୍ଗି ପଡ଼ି ଯାଇଥିବା ଡାଳ, ଖଣ୍ଡିଏ ଘାସ ଜାଗା ଇତ୍ୟାଦି ଥିଲା । ଏ ସବୁକୁ ନେଇ ସେ ଗୋଟିଏ ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିଥିଲେ । ମୁଁ ପ୍ରତ୍ୟେକ ଦଳ ପାଇଁ ପ୍ରଶ୍ନ ପ୍ରସ୍ତୁତ କରିଥିଲି ଯାହା ଶିକ୍ଷାର୍ଥୀମାନଙ୍କୁ ପରିସ୍ଥାନକୁ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ କରିବାରେ ସାହାଯ୍ୟ କରିବ । ମୁଁ କାର୍ଯ୍ୟ ସଂପର୍କରେ ପ୍ରଧାନ ଶିକ୍ଷକଙ୍କୁ ଜଣାଇଲି । ସେ ସ୍ଥାନଟିରେ ଥିବା ଗଛପତ୍ର ବିଭିନ୍ନ ଜିନିଷ ଶିକ୍ଷାର୍ଥୀମାନଙ୍କ ପାଇଁ ନିରାପଦ କି ନୁହେଁ, ତାକୁ ପ୍ରଥମରୁ ପରୀକ୍ଷା କରିନେଲି ।

ପ୍ରଥମେ ଶ୍ରେଣୀ କକ୍ଷ ମଧ୍ୟରେ ଶିକ୍ଷାର୍ଥୀମାନଙ୍କୁ ପରିସ୍ଥାନ ସଂପର୍କରେ ଥିବା ଧାରଣା ପଚାରି ବୁଝିଥିଲି । ପରିସ୍ଥାନ କହିଲେ, ଆମେ କଣ ବୁଝୁ ? ସର୍ବ ସମ୍ମତ ହୋଇଥିବା ସଂଜ୍ଞାକୁ କଳାପଟାରେ ଲେଖିଥିଲି ।

> ଏହା ଏକ ବାସସ୍ଥାନ ଯେଉଁଠାରେ ଅନେକ ପ୍ରକାର ପ୍ରାଣୀ ଓ ଉଦ୍ଭିଦ ରହିଥାଆନ୍ତି ଓ ସେହି ସ୍ଥାନ ସେମାନଙ୍କୁ ଖାଦ୍ୟ ଓ ଆଶ୍ରୟ ଯୋଗାଇଥାଏ ।

ମୋ ଶ୍ରେଣୀରେ 32 ଜଣ ଶିକ୍ଷାର୍ଥୀ ଥିବାରୁ ମୁଁ ପ୍ରତି ଚାରିଜଣରେ ଗୋଟିଏ ଲେଖାଏଁ ଦଳ ଗଠନ କଲି, ଏବଂ ସେମାନଙ୍କୁ କ'ଣ କରିବାକୁ ହେବ କହିଦେଲି । ମୁଁ କିଛି ସୂଚନା କଳାପଟାରେ ଲେଖିଦେଲି । ସେମାନେ ଦଳଦଳ ହୋଇ ମୁଁ ଚିହ୍ନଟ କରିଥିବା ସ୍ଥାନକୁ ଗଲେ । ସେଠାରେ ପରିସ୍ଥାନକୁ ଅନୁସନ୍ଧାନ କଲେ ।

ପ୍ରଥମେ ସେମାନେ ଦେଖିଲେ ମୁଁ ସେମାନଙ୍କୁ ଯେଉଁ ସ୍ଥାନକୁ ପଠାଇଛି, ତାହା ଗୋଟିଏ ପରିସ୍ଥାନ କି, ନୁହେଁ ? ସେମାନଙ୍କୁ ନିଜ ନିଜ ମଧ୍ୟରେ ଆଲୋଚନା କରିବା ପାଇଁ କିଛି ସମୟ ମଧ୍ୟ ଦେଇଥିଲି । ପ୍ରତ୍ୟେକ ଦଳକୁ ଯାଇ ସେମାନେ କ'ଣ ସିଦ୍ଧାନ୍ତ ନେଲେ, ତାହା ବୁଝାଇବା ପାଇଁ କହିଲି । ଯଦି କୌଣସି ଦଳ ସିଦ୍ଧାନ୍ତରେ ଉପନୀତ ହୋଇପାରୁନଥିଲେ ବା ରାଜି ହୋଇପାରୁନଥିଲେ (ସନ୍ଦେହରେ ଥିଲେ) ସେମାନଙ୍କୁ, ସେମାନଙ୍କ ସମ୍ମତ ହୋଇଥିବା ସଂଜ୍ଞାକୁ ମନେ ପକାଇବାକୁ କହିଲି । ମୋ ଶିକ୍ଷାର୍ଥୀମାନେ ଏକମତ ହେଲେ ଯେ, ପଥର ଏବଂ ଫୁଟ୍‌ପାଥ ପରିସ୍ଥାନରେ ଅନ୍ତର୍ଭୁକ୍ତ ନୁହନ୍ତି । ସେମାନେ ଭାବିଲେ ଯେ, ଘାସ ଜାଗା ଖଣ୍ଡିକ ଏବଂ ଭାଙ୍ଗି ଯାଇଥିବା ଡାଳ ପରିସ୍ଥାନର ଅନ୍ତର୍ଭୂକ୍ତ ହୋଇପାରେ ।

ଶିକ୍ଷାର୍ଥୀମାନଙ୍କୁ ଯେଉଁ ଦତ୍ତକାର୍ଯ୍ୟ ଦେଲି ତାହା ହେଲା,

> ତୁମେ ଏହି ସ୍ଥାନକୁ ପରିସ୍ଥାନ ବୋଲି ପ୍ରମାଣ କରିବା ପାଇଁ କେଉଁ ପ୍ରକାର ତଥ୍ୟ ସଂଗ୍ରହ କରିବ ଏବଂ କେଉଁ ପ୍ରକାର ପ୍ରମାଣ ଦେବା ପାଇଁ ଚାହୁଁଛ ?

ସେମାନେ ସେ ଜାଗାରେ କେଉଁ ଗୁଡ଼ିକ ଜୀବନ୍ତ ଓ ସେଠାରେ ବାସ କରୁଛନ୍ତି, ସେ ସଂପର୍କରେ ତଥ୍ୟ ସଂଗ୍ରହ କଲେ । ସେମାନେ ପାଇଥିବା ବସ୍ତୁକୁ ଚିତ୍ର କିମ୍ବା ତାଲିକା ମାଧ୍ୟମରେ ଦର୍ଶାଇଲେ । ସେମାନେ ଅନ୍ୟାନ୍ୟ ପ୍ରମାଣ ମଧ୍ୟ ଆଣି ପାରିବେ, ଯଦି ସେଗୁଡ଼ିକ ସେହି ସ୍ଥାନ, ପ୍ରାଣୀ ଏବଂ ଉଦ୍ଭିଦର କୌଣସି କ୍ଷତି କରୁ ନ ଥିବ ।

ଥରେ ସେମାନେ ବାହାରକୁ ଗଲାପରେ କିଛି ଦଳ ଖୁବ୍ ଶୀଘ୍ର ପରିସ୍ଥାନକୁ ଚିହ୍ନଟ କରିଦେଲେ ଏବଂ ଅନ୍ୟଦଳ କିଛି ସାହାଯ୍ୟ ଆବଶ୍ୟକ କରୁଥିଲେ । କିଛି ଶିକ୍ଷାର୍ଥୀ ସେଠାରେ ଛୋଟ ଛୋଟ କୀଟପତଙ୍ଗ ଚିତ୍ର ଅଙ୍କନ କଲାବେଳେ, ଅନ୍ୟ କେତେଜଣ ତାହାକୁ ନାମାଙ୍କିତ କରି ତାହା ଉପରେ ଟିପ୍ପଣୀ ଲେଖିଲେ ।

ଶିକ୍ଷାର୍ଥୀମାନେ ପରିସ୍ଥାନରୁ ପାଇଥିବା କିଛି ମାଟି ଓ ଉଦ୍ଭିଦର ନମୁନା ସଂଗ୍ରହ କରି ଆଣିଲେ । ଯେତେବେଳେ ସେମାନେ ଗୋଟିଏ ପଥର ଖଣ୍ଡ ଟେକି ଦେଲେ ତା ତଳେ ଥିବା ବୁଢ଼ିଆଣୀ ଓ କାଠ କଟା ପୋକକୁ ପାଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ । ସେମାନେ ଲେଖି ରଖିଲେ ପଥର ତଳର ମାଟି କେତେ ଓଦା ! ସେମାନେ ସେଥିରୁ କିଛି ପଉ ପତ୍ରର ନମୁନା ନେଇଥିଲେ।

ଗୋଟିଏ ଦଳ ଫୁଟପାଥର ଫଟା ଅଂଶରେ ଉଠିଥିବା ଛୋଟ ଛୋଟ ଗଛକୁ ଯତ୍ନର ସହିତ ନିରୀକ୍ଷଣ କଲେ । ଯବକାଚ ବ୍ୟବହାର କରି ପତ୍ର ତଳେ ଝୁଲୁଥିବା ଛୋଟ ଝିଣ୍ଟିକାଟିକୁ ଦେଖୁଥିଲେ ଯାହାକି ପତ୍ର ତଳର ଛୋଟ ଛୋଟ କୀଟ ଖାଉଥିଲା ।

ମୁଁ ଶିକ୍ଷାର୍ଥୀମାନଙ୍କୁ ହ୍ୱିସିଲ ମାରି ଏକାଠି ହେବାକୁ କହିଲି ଏବଂ ନିଜ ନିଜ ଦଳରେ ଘାସ ଉପରେ ବସିବାକୁ କହିଲି । ମୁଁ ସେମାନଙ୍କୁ "ଏହା ଗୋଟିଏ ପରିସ୍ଥାନ ବୋଲି" ସେମାନେ କ'ଣ ପ୍ରମାଣ ପାଇଲେ ତାହା ଉପସ୍ଥାନ କରିବାକୁ କହିଲି । ସେମାନଙ୍କ ପୂର୍ବରୁ ପରିସ୍ଥାନ ସଂପର୍କରେ ଥିବା ଧାରଣା ବଦଳିଛି ବୋଲି ରାଜି ହେଲେ । ସେମାନେ ବର୍ତ୍ତମାନ ଜାଣି ପାରିଲେ ପଥର ତଳ ମଧ୍ୟ ଏକ ପରିସ୍ଥାନ । ଯାହାକି ଛୋଟ ଛୋଟ ଜୀବମାନଙ୍କୁ ଆଶ୍ରା ଦେଇଛି ।

ମୋ ଶିକ୍ଷାର୍ଥୀମାନଙ୍କୁ ସିଧାସଳଖ ଅନୁଭୂତି ପାଇବା ପାଇଁ ଏକ ସୁଯୋଗ ଦେବା ଦ୍ୱାରା, ଏହା ସେମାନଙ୍କ ଶିକ୍ଷଣ ଉପରେ ଭଲ ପ୍ରଭାବ ପକାଇଥିଲା । ସେମାନଙ୍କ ସହିତ ଶ୍ରେଣୀ କୋଠରି ମଧ୍ୟରେ ମଧ୍ୟ ଏହି ସଂପର୍କରେ ଆଲୋଚନା କରାଯାଇ ପାରିଥାନ୍ତା । କିନ୍ତୁ ମୁଁ ବିଦ୍ୟାଳୟ ପଡ଼ିଆରେ କିଛି ସ୍ଥାନକୁ ଚିହ୍ନଟ କରିଥିଲି । ମୁଁ ଅନୁଭବ କଲି, ସେମାନଙ୍କୁ ନିଜେ ପରିସ୍ଥାନ ଅନ୍ୱେଷଣ କରିବା ପାଇଁ ସୁଯୋଗ ଦେବା ଦ୍ୱାରା ସେମାନେ ଅଧିକ ଅଭିପ୍ରେରିତ ହୋଇଥିଲେ, ଏବଂ ସେମାନେ ଅତି ଭଲରେ ବୁଝିପାରିଲେ ।

ଏହି ପ୍ରସଙ୍ଗଟି ସରିବା ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନଙ୍କର ଆଗ୍ରହ ବଢ଼ି ଚାଲିଥିଲା ଏବଂ ସେମାନେ ଯେଉଁଠାରେ ଜୀବନ୍ତ ପ୍ରାଣୀ ଜଗତ ପାଉଥିଲେ, ପ୍ରତ୍ୟେକଟିର ଚାର୍ଟ ପ୍ରସ୍ତୁତ କରୁଥିଲେ ।

ଭିଡ଼ିଓ : ଯୋଡ଼ିକାର୍ଯ୍ୟର ବ୍ୟବହାର

## 4 ବାହ୍ୟ ପରିବେଶରେ ଶିକ୍ଷଣ

ଶ୍ରେଣୀ କୋଠରି ବାହାରେ ଶିକ୍ଷଣ ପାଇଁ ବ୍ୟବସ୍ଥା କଲାବେଳେ ଯୋଜନାରେ ଅଧିକ କିଛି ଲେଖିବା ପାଇଁ ପଡ଼େନାହିଁ । ପ୍ରାଥମିକ ବିଜ୍ଞାନ ପାଇଁ ଯେହେତୁ ଶିକ୍ଷାର୍ଥୀମାନେ ବିଦ୍ୟାଳୟ ପରିସରକୁ ଅନ୍ୱେଷଣ କରିବାରେ ଅଭ୍ୟସ୍ତ, ତେଣୁ ବାହ୍ୟ ପରିବେଶ ଶିକ୍ଷଣ ବିଜ୍ଞାନ ଶିକ୍ଷାର ଏକ ସମନ୍ୱିତ ଅଂଶ । ଯଦି ଶ୍ରେଣୀରେ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ଥାଆନ୍ତି, ଆପଣ ଶିକ୍ଷାର୍ଥୀମାନେ ଅଧିକ ସମୟ ପାଇଁ ବିଦ୍ୟାଳୟ ବାହାରକୁ ଛାଡ଼ିବାକୁ ପଡ଼ିବ ।

ଆହୁରି ମଧ୍ୟ ଆପଣଙ୍କ ଶ୍ରେଣୀରେ ଯଦି ସ୍ୱତନ୍ତ୍ର ଶିକ୍ଷଣ ଆବଶ୍ୟକତା ଥିବା ଶିକ୍ଷାର୍ଥୀ ଥାଆନ୍ତି, ତେବେ ସେମାନଙ୍କୁ କୌଣସି ସହାୟତା ଦେଇପାରୁଥିବା ଦଳରେ ରଖିବେ । ସେମାନେ ବାହାରେ ଥିଲା ବେଳେ ତାଙ୍କ କାର୍ଯ୍ୟକୁ ତଦାରଖ କରିବେ ।

ପରବର୍ତ୍ତୀ ଶିକ୍ଷଣକାର୍ଯ୍ୟରେ ଆପଣ ଏକ ବାହ୍ୟ ପରିବେଶକୁ ବ୍ୟବହାର କରି ପାଠ୍ୟ ଯୋଜନା ପ୍ରସ୍ତୁତ କରନ୍ତୁ ।

## ଶିକ୍ଷଣକାର୍ଯ୍ୟ 3 : ବାହ୍ୟ ଶିକ୍ଷଣ ପାଇଁ ଯୋଜନାଟିଏ

ଆପଣ ଶ୍ରେଣୀ କୋଠରିରେ ପାଠ୍ୟପୁସ୍ତକର ଏକ ପ୍ରସଙ୍ଗକୁ ଆଖି ଆଗରେ ରଖି ଶିକ୍ଷଣକାର୍ଯ୍ୟଟିଏ ବାଛନ୍ତୁ । ଉଦାହରଣ ସ୍ୱରୂପ: ତୃତୀୟ ଶ୍ରେଣୀ ବହିର ଚତୁର୍ଥ ଅଧ୍ୟାୟ ବା ଷଷ୍ଠ ଶ୍ରେଣୀର ଅଷ୍ଟମ ଅଧ୍ୟାୟ ।

ବାହ୍ୟ ପରିବେଶ ଯଥା ବିଦ୍ୟାଳୟ ପଡ଼ିଆ କିମ୍ବା ଆପଣଙ୍କର ଅତି ପାଖରେ ଥିବା ପରିବେଶକୁ ନେଇ ଶିକ୍ଷାର୍ଥୀମାନଙ୍କୁ ପଢ଼ାଇଲା ପରି ଏକ ଯୋଜନା ପ୍ରସ୍ତୁତ କରନ୍ତୁ । ନିମ୍ନରେ ଥିବା ପ୍ରଶ୍ନଗୁଡ଼ିକୁ ଆଖିଆଗରେ ରଖି କାର୍ଯ୍ୟପନ୍ଥା ସ୍ଥିର କରନ୍ତୁ ।

- ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ କ'ଣ ଶିଖାଇବାକୁ ଚାହୁଁଛନ୍ତି ?
- ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ କେଉଁଠିକୁ ନେବେ ?
- ସେ ସ୍ଥାନର କେଉଁ ସବୁ ନିରାପତ୍ତା ପାଇଁ ଦୃଷ୍ଟି ଦେବେ ?
- ଶିକ୍ଷଣକାର୍ଯ୍ୟ ପାଇଁ କେଉଁ ପ୍ରକାରର ସରଞ୍ଜାମ ଦରକାର ?
- ଆପଣ କିପରି ଶିକ୍ଷଣକାର୍ଯ୍ୟ ଆରମ୍ଭ କରିବେ ?
- ଆପଣ କେଉଁ ସବୁ ପ୍ରଶ୍ନ ଶିକ୍ଷାର୍ଥୀମାନଙ୍କୁ ପଚାରିବେ ?
- ସ୍ୱତନ୍ତ୍ର ଶିକ୍ଷଣ ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କୁ ଆପଣ କିପରି ସାହାଯ୍ୟ କରିବେ ?
- ଆପଣ ମୁକ୍ତ ଉତ୍ତର ମୂଳକ ପ୍ରଶ୍ନ ତିଆରି କରିବେ, ଯାହାକି ଆପଣଙ୍କ ଶିକ୍ଷାର୍ଥୀମାନେ ଅଧିକ ଗଭୀର ଭାବେ ଚିନ୍ତା କରିବାକୁ ସୁଯୋଗ ପାଇବେ ?
- ପ୍ରଶ୍ନର ଉତ୍ତର କରିବା ପାଇଁ ଆପଣ କେଉଁ ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରୁଛନ୍ତି ବା କେଉଁ ଶିକ୍ଷଣକାର୍ଯ୍ୟ ଦେବେ ବୋଲି ଭାବୁଛନ୍ତି ?
- ଶିକ୍ଷାର୍ଥୀମାନେ କିପରି ସେମାନଙ୍କ ତଥ୍ୟକୁ ଲିପିବଦ୍ଧ କରିବେ ?
- ଉପସ୍ଥାପନା କରିବାକୁ ଥିବା ଶିକ୍ଷଣକାର୍ଯ୍ୟଟିରେ ଆକଳନ କରିବାର ସୁବିଧା କେଉଁଠାରେ ଅଛି ?
- ଆପଣ କିପରି ଶିକ୍ଷଣକାର୍ଯ୍ୟଟିକୁ ପାଠ୍ୟକ୍ରମ ମାଧ୍ୟମରେ ଆଗେଇ ନେବେ ?

ଯୋଜନାଟି ପ୍ରସ୍ତୁତ କରିସାରିଲା ପରେ ଶିକ୍ଷାର୍ଥୀମାନଙ୍କ ସହିତ କାର୍ଯ୍ୟ ଆରମ୍ଭ କରନ୍ତୁ ।



### ଟିକିଏ ଚିନ୍ତା କରନ୍ତୁ

ଆପଣ ଯୋଜନା ଓ ଶିକ୍ଷଣକାର୍ଯ୍ୟ ଉପସ୍ଥାପନ କରିସାରିଲା ପରେ ନିମ୍ନଲିଖିତ କାର୍ଯ୍ୟ ଉପରେ ଏକ ବିବରଣୀ ପ୍ରସ୍ତୁତ କରନ୍ତୁ ।

- ବାହାରେ କାର୍ଯ୍ୟ କଲାବେଳେ କେଉଁ କାର୍ଯ୍ୟଟି ଭଲ ହେଲା ?
- କାହିଁକି ଏପରି ଭାବୁଛନ୍ତି ?
- ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟ କଲାବେଳେ ଅଧିକ ଭଲ କରିବା ପାଇଁ କ'ଣ କରିବେ ?। (ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ଆପଣ ମୁଖ୍ୟ ସମ୍ବଳ "ପାଠ ଯୋଜନା"ଟିକୁ ପଢ଼ନ୍ତୁ ।) ଆପଣଙ୍କ ଶିକ୍ଷାର୍ଥୀମାନେ ପରିବେଶରେ କାର୍ଯ୍ୟ କରିବା ଓ ଆପଣ ଦେଇଥିବା କାର୍ଯ୍ୟ କରିବା ଦ୍ୱାରା ସେମାନଙ୍କ ପ୍ରତିକ୍ରିୟା କିପରି ଥିଲା ?
- ଆପଣଙ୍କ ଶିକ୍ଷାର୍ଥୀ କଣ ଶିଖିଲେ ବୋଲି ଆପଣ କିପରି ଜାଣିବେ ?

## 5 ପରିଭ୍ରମଣ :

ପରିଭ୍ରମଣ ମଧ୍ୟ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପାଇଁ ଉପଯୋଗୀ । ପରିଭ୍ରମଣ ପାଇଁ ଏକ ଉତ୍ତମ ଯୋଜନା ପ୍ରସ୍ତୁତ କଲେ ଶିକ୍ଷାର୍ଥୀମାନେ ଅନେକ ସମ୍ବଳ ବ୍ୟବହାର କରିପାରନ୍ତି, ଯାହାକି ଶ୍ରେଣୀକକ୍ଷରେ କିମ୍ବା ବିଦ୍ୟାଳୟ ପଡ଼ିଆରେ ମିଳେ ନାହିଁ । ପରିଭ୍ରମଣ ଶିକ୍ଷାର୍ଥୀମାନଙ୍କର ଆତ୍ମବିଶ୍ୱାସ ବଢ଼େଇଥାଏ ଏବଂ ପାଇଥିବା ଅନୁଭୂତି ସ୍ମରଣୀୟ ହୋଇ ରହିଥାଏ ।

ପରିଭ୍ରମଣ ପାଇଁ ବ୍ୟବସ୍ଥା କରିବାକୁ ହେଲେ ଭଲ ଯୋଜନାଟିଏ ଆବଶ୍ୟକ । କିନ୍ତୁ ବେଳେବେଳେ ଅଧିକ ଶିକ୍ଷାର୍ଥୀ ଥିବା ଶ୍ରେଣୀ କକ୍ଷରେ ଗମନା ଗମନ ସମସ୍ୟା ଏବଂ ଖର୍ଚ୍ଚ ଦୃଷ୍ଟିରୁ ଏହା କରିବା ସବୁବେଳେ ସମ୍ଭବ ହୋଇନଥାଏ । ଯାହାବି ହେଉ ଯଦି ପରିଭ୍ରମଣ ସମ୍ଭବ ହୁଏ ପ୍ରଥମେ ନିରାପତ୍ତାକୁ ଦୃଷ୍ଟିରେ ରଖି ଚିନ୍ତା କରିବାକୁ ହେବ । ଥରେ ଏହା ସ୍ଥିର ହୋଇଗଲେ (ଏହି ସୋପାନ ଗୁଡ଼ିକ ଚିତ୍ର ୧ ରେ ପ୍ରଦତ୍ତ ଅଛି) ସାଧାରଣ ଶିକ୍ଷଣକାର୍ଯ୍ୟର ଯୋଜନା ଏଥିପାଇଁ ବ୍ୟବହାର ହୋଇପାରିବ ।




**ଚିତ୍ର – 1** ପରିଭ୍ରମଣ ପାଇଁ ଯୋଜନାଟିଏ

## 6 ବାହ୍ୟ ପରିବେଶରେ ଶିକ୍ଷଣ ସୁଯୋଗ ସୃଷ୍ଟି କରିବାର ସୁଯୋଗ

ଏହି ଏକକରେ ଉଭିଦ ଏବଂ ତା'ର ପରିସ୍ଥାନ ସଂପର୍କରେ ଥିବା ଧାରଣା ଏବଂ କାର୍ଯ୍ୟକୁ ଆଲୋଚନା କରାଯାଇଛି । ଯାହାବି ହେଉ, ପ୍ରାଥମିକ ସ୍ତରର ବିଜ୍ଞାନର ବିଭିନ୍ନ ବିଷୟ ପାଇଁ ବାହ୍ୟ ଶିକ୍ଷଣକାର୍ଯ୍ୟ ସମନ୍ୱିତ କରାଯାଇପାରିବ ।

### ଶିକ୍ଷଣକାର୍ଯ୍ୟ 4: ଶିକ୍ଷଣରେ ବାହ୍ୟ ପରିବେଶକୁ ଯଥାସମ୍ଭବ ବ୍ୟବହାର କରନ୍ତୁ

ପରବର୍ତ୍ତୀ ପ୍ରସଙ୍ଗରେ ଆପଣ କିମ୍ବା ଆପଣଙ୍କ ସହକର୍ମୀଙ୍କ ସହ ମିଶି କିପରି ଶିକ୍ଷାର୍ଥୀମାନଙ୍କୁ ବାହାରକୁ ନେଇ ଶିକ୍ଷଣକାର୍ଯ୍ୟ କରାଇବେ, ମାନସମନ୍ଥନ କରି ତାର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଦିଆଯାଇଥିବା ସୂଚନା ଅନୁସାରେ ଏକ ଯୋଜନା ପ୍ରସ୍ତୁତ କରନ୍ତୁ ଓ ଏହାକୁ କାର୍ଯ୍ୟକାରୀ କରନ୍ତୁ ।



### ଟିକିଏ ଚିନ୍ତା କରନ୍ତୁ

- ଆପଣ କ'ଣ ଚିନ୍ତା କରୁଛନ୍ତି, ଏହି ବାହ୍ୟ ପରିବେଶର ଶିକ୍ଷଣଟି ଆଉ କେଉଁ ସବୁ କ୍ଷେତ୍ରରେ ସାହାଯ୍ୟ କରିବ ?
- ଏହା ଆପଣଙ୍କୁ ଅଧିକ ସଫଳ ପାଠ୍ୟକ୍ରମ ଯୋଜନା ପ୍ରସ୍ତୁତ କରିବାରେ କିପରି ସାହାଯ୍ୟ କରିବ ?
- ଆପଣଙ୍କ ଶିକ୍ଷାର୍ଥୀମାନେ ଏହି ପ୍ରସଙ୍ଗଟିକୁ କିପରି ଗ୍ରହଣ କଲେ ?

ଆପଣ ଏହାକୁ ଆହୁରି ଅନେକ ପ୍ରକାରରେ ବ୍ୟବହାର କରିପାରିବେ । ସ୍ଥାନୀୟ ପରିବେଶର ବ୍ୟବହାରକୁ ବଢ଼ାଇବା ପାଇଁ କେତେଗୁଡ଼ିଏ ବ୍ୟବହାର ତାଲିକା ସମ୍ବଳ ୩ରେ ଦିଆଯାଇଛି ।

## 7 ସାରାଂଶ

ଶିଶୁର ଶିକ୍ଷଣ ଶ୍ରେଣୀ କୋଠରି ମଧ୍ୟରେ ଆବଦ୍ଧ ନୁହେଁ । ବସ୍ତୁତଃ ଶିଶୁମାନେ ବାହାରେ ଓ ସାଙ୍ଗମାନଙ୍କ ସାଙ୍ଗରେ ଥିଲା ବେଳେ ଭଲ ଶିଖି ପାରିବେ । ଧରିନିଆଯାଇ ପାରେ ଯେ ସୁସଙ୍ଗଠିତ ବାହ୍ୟ ପାଠ ଅଧିବେଶନ ଶିକ୍ଷଣକୁ ଉତ୍ତେଜନାପୂର୍ଣ୍ଣ, ସକ୍ରିୟ, ମେଳାପୀ ଓ ଆନନ୍ଦଦାୟୀ ପ୍ରକ୍ରିୟାରେ ପରିଣତ କରି ଯାହା ଶିକ୍ଷାର୍ଥୀମାନଙ୍କୁ ବିଜ୍ଞାନ ବିଷୟରେ ଉପଯୁକ୍ତ ଅଭିଜ୍ଞତା ପ୍ରଦାନ କରେ ।

ଶ୍ରେଣୀଗୃହ ପରିବେଶ ଯାହାକି ସମୟ ସମୟରେ ପାଠ୍ୟପୁସ୍ତକ, ପୋଷ୍ଟର ଓ ଅନ୍ୟାନ୍ୟ ଶିକ୍ଷଣ ସାମଗ୍ରୀ ଦରକାର କରିଥାଏ, ବାହ୍ୟ ଶିକ୍ଷଣରେ ଦରକାର ସମୟରେ ପ୍ରକୃତି । ସୀମିତ ସମ୍ବଳ ମଧ୍ୟରେ ବାହ୍ୟ ପରିବେଶର ଶିକ୍ଷଣ ଶିକ୍ଷାକୁ ଆଗେଇ ନେବାରେ ସହାୟତା ଯୋଗାଇଥାଏ । ଅଧିକ ସଂଖ୍ୟକ ଶିକ୍ଷାର୍ଥୀଥିବା ଶ୍ରେଣୀ ପାଇଁ ଏହି ବାହ୍ୟ ପରିବେଶର ଶିକ୍ଷଣ ବ୍ୟବସ୍ଥା ଅଧିକ ଲାଭଦାୟକ ହୋଇଥାଏ । ଏହା ଶିକ୍ଷାର୍ଥୀମାନଙ୍କୁ ବସିବା, ଡ୍ରଇଂ କରିବା, ଲେଖାଲେଖି କରିବା, ବୁଲିବା ଓ ଆଲୋଚନା କରିବା ପାଇଁ ଅଧିକ ସ୍ଥାନ ମିଳିଥାଏ ।

ବାହ୍ୟ ପରିବେଶର ଶିକ୍ଷଣ ଯେ କୌଣସି ସ୍ଥାନ ବା ଯେ କୌଣସି ସମୟରେ କରା ଯାଇପାରେ ଯଥା :- ବିଦ୍ୟାଳୟ ପଡ଼ିଆ, ଅଞ୍ଚଳର ପାର୍କ ବା ଉଦ୍ୟାନ ବା ନର୍ସରୀ, କ୍ଷେତ, ଚିଡ଼ିଆଖାନା, ପୋଖରୀକୂଳ, ଝରଣା, ନଦୀ ଏବଂ ସଂଗ୍ରହାଳୟ ଇତ୍ୟାଦି । ଏହା କେବଳ ଯେ ଖରାଦିନ ପରୀକ୍ଷା ସରିଗଲା ପରେ ସୀମିତ ନୁହେଁ, ବର୍ଷର ସବୁ ସମୟରେ କରାଯାଇପାରେ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ଯାହାକି ଶିଶୁର ସାମାଜିକ ଆବେଗିକ ବୌଦ୍ଧିକ ଦିଗ ତଥା ସ୍ୱାସ୍ଥ୍ୟପ୍ରତି ଦୃଷ୍ଟି ଦେଇଥାଏ, ସର୍ବୋପରି ସମସ୍ତ ଦିଗର ଉନ୍ନତି କରାଇଥାଏ ।

## ସମ୍ବଳ

### ସମ୍ବଳ-1: ଆଞ୍ଚଳିକ ସମ୍ବଳର ବ୍ୟବହାର

ପାଠ୍ୟପୁସ୍ତକ ବ୍ୟତୀତ ଅନେକ ଶିକ୍ଷଣ ସାମଗ୍ରୀ ଶିକ୍ଷାଦାନ ସମୟରେ ବ୍ୟବହାର ହୋଇପାରିବ। ଶିକ୍ଷଣ ପାଇଁ ଆପଣ ବିଭିନ୍ନ ଇନ୍ଦ୍ରିୟଗୁଡ଼ିକ (ଦେଖିବା, ଶୁଣିବା, ଶୁଙ୍ଘିବା, ଚାଖିବା, ଛୁଇଁବା) ର ଉପଯୋଗର ସୁଯୋଗ ଦେବେ, ତେବେ ଆପଣ ଶିକ୍ଷାର୍ଥୀଙ୍କ ଶିକ୍ଷଣର ବିଭିନ୍ନ ଦିଗ ଜାଣିପାରିବେ। ଆପଣଙ୍କ ଚାରିପାଖରେ ଏପରି ଅନେକ ସାମଗ୍ରୀ ଅଛି ଯାହା ଶ୍ରେଣୀ ଗୃହରେ ବ୍ୟବହାର ହୋଇପାରିବ। ଯେକୌଣସି ବିଦ୍ୟାଳୟ ବିନା ମୂଲ୍ୟରେ ବା ସ୍ୱଳ୍ପ ମୂଲ୍ୟରେ ନିଜର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିପାରିବ। ଏପରି କରିବା ଦ୍ୱାରା ଆପଣ ସେମାନଙ୍କ ଜୀବନ ସହ ପାଠକୁ ଯୋଡି ପାରିବେ।

ଆପଣ ଯଦି ଆପଣଙ୍କ ପାରିପାର୍ଶ୍ୱକୁ ଦୃଷ୍ଟି ଦେବେ ଏପରି ବିଶେଷଜ୍ଞମାନଙ୍କୁ ପାଇବେ, ଯେଉଁମାନେ ଅନେକ ପ୍ରସଙ୍ଗ ଉପରେ ତାଙ୍କର ମତାମତ ଦେଇପାରିବେ। ତା'ଛଡା ନିଜ ଚାରିପାଖରେ ଅନେକ ପ୍ରାକୃତିକ ସାମଗ୍ରୀ ଅଛି ଯାହାକୁ ଶ୍ରେଣୀଗୃହ ଓ ସ୍ଥାନୀୟ ଗୋଷ୍ଠୀ ସହ ସଂପର୍କିତ କରିପାରିବେ, ଶିକ୍ଷାର୍ଥୀଙ୍କୁ ତାଙ୍କ ଚାରିପାଖରେ ଥିବା ପରିବେଶର ସମୃଦ୍ଧତା ଓ ବିବିଧତା ସହ ପରିଚିତ କରାଇବେ। ମୋଟାମୋଟି ଭାବରେ ଶିକ୍ଷାର୍ଥୀଙ୍କ ସାମଗ୍ରୀକ ଶିକ୍ଷଣରେ ସହାୟତା ଦେଇପାରିବେ। ଶିକ୍ଷାର୍ଥୀଙ୍କୁ ଶ୍ରେଣୀଗୃହ ଓ ଶ୍ରେଣୀ ବାହାରେ ଶିକ୍ଷଣ, ବୋଧହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯାହା ସେମାନଙ୍କ ପାଇଁ ଏକ ସାମଗ୍ରିକ ଶିକ୍ଷଣ ପ୍ରଣାଳୀ।

## ଆପଣଙ୍କ ଶ୍ରେଣୀଗୃହରେ କ'ଣ କରିପାରିବେ

ଜନସାଧାରଣ ତାଙ୍କ ଘରକୁ ସଜାଇବାରେ ଅନେକ ପରିଶ୍ରମ କରିଥାଆନ୍ତି। ପରିବେଶରୁ ଶିକ୍ଷାର୍ଥୀମାନେ କଣ ଶିଖିବାର ଅଛି ସେ ସଂପର୍କରେ ଆପଣ ଭାବିବା ଗୁରୁତ୍ୱପୂର୍ଣ୍ଣ। ଆପଣ ଶ୍ରେଣୀଗୃହକୁ ଏପରି ଭାବରେ ସଜାଇବେ ଯାହା ଶିକ୍ଷାର୍ଥୀଙ୍କ ଉପରେ ଅନୁକୂଳ ପ୍ରଭାବ ପକାଇବ ଏବଂ ଆପଣଙ୍କ ଶିକ୍ଷାର୍ଥୀମାନେ ଅତ୍ୟଧିକ ଆଗ୍ରହାନ୍ୱିତ ହେବେ। ଉଦାହାରଣସ୍ୱରୂପ, ଆପଣ

- ପୁରୁଣା ପତ୍ରିକାରୁ କାଟି ଅନେକ ପୋଷ୍ଟର ତିଆରି କରିପାରିବେ।
- ପଢାଯାଉଥିବା ପ୍ରସଂଗ ସଂପର୍କିତ ଅନେକ ବସ୍ତୁ ଓ କଳାକୃତି ସଂଗ୍ରହ କରିପାରିବେ।
- ଶିକ୍ଷାର୍ଥୀଙ୍କ କୃତି ପ୍ରଦର୍ଶନ କରିପାରିବେ।
- ଶିକ୍ଷାର୍ଥୀଙ୍କୁ କୌତୂହଳୀ ଓ ନୂଆ ଶିଖିବାର ଆଗ୍ରହ ସୃଷ୍ଟି ପାଇଁ ଶ୍ରେଣୀର ପ୍ରଦର୍ଶିତ ବସ୍ତୁରେ ପରିବର୍ତ୍ତନ ଆଣିପାରିବେ।

## ସ୍ଥାନୀୟ ବିଶେଷଜ୍ଞମାନଙ୍କର ଶ୍ରେଣୀଗୃହରେ ଉପଯୋଗ

ଆପଣ ଯଦି ଟଙ୍କା ବା ଗାଣିତିକ ପରିମାଣ ସମ୍ବନ୍ଧରେ ପଢାଉଛନ୍ତି ଦୋକାନୀ ବା ପୋଷାକ ପ୍ରସ୍ତୁତକାରୀଙ୍କୁ ଶ୍ରେଣୀଗୃହକୁ ଆଣି ପାରିବେ। ସେମାନେ ତାଙ୍କ କାମରେ ଗଣିତର କିପରି ବିନିଯୋଗ କରନ୍ତି ବୁଝାଇ ପାରିବେ। ଆପଣ ଯଦି କଳାର ବିଭିନ୍ନ ଆକୃତି ଓ ଶୈଳୀ ସମ୍ବନ୍ଧରେ ବୁଝାଉଛନ୍ତି ତେବେ ମେହେନ୍ଦି ଲଗାଉଥିବା ବ୍ୟକ୍ତିଙ୍କୁ ଡାକିପାରିବେ। ସେମାନେ ବିଭିନ୍ନ ଆକୃତି, ଢାଞ୍ଚା, ପରମ୍ପରା ଓ କରିବା ଶୈଳୀ ବୁଝାଇ ପାରିବେ। ଯେତେବେଳେ ଆମର ଶିକ୍ଷଣର ଲକ୍ଷ୍ୟ ସ୍ଥିର ହୋଇଯିବ ସମାଜର ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ସମୟ ଅନୁସାରେ ଡାକି ପାରିବେ।

ଆପଣଙ୍କ ବିଦ୍ୟାଳୟ ପରିସରରେ ମଧ୍ୟ ଶ୍ରେଣୀ ବାହାରେ ଅନେକ ବ୍ୟକ୍ତି ଅଛନ୍ତି ଯେପରି ରୋଷେଇଆ, ଶିକ୍ଷାର୍ଥୀଙ୍କ ଯତ୍ନନେବା ପାଇଁ ଥିବା ବ୍ୟକ୍ତିଙ୍କୁ ଶିକ୍ଷାର୍ଥୀମାନେ ପାଠ ସଂପର୍କିତ କିଛି ପ୍ରଶ୍ନ ପଚାରି ପାରନ୍ତି। ଉଦାହରଣ ସ୍ୱରୂପ କେତେ ପରିମାଣରେ ରୋଷେଇ ହୁଏ, ତାର ମାପ, ପାଣିପାଗ ବିଦ୍ୟାଳୟର ପଡିଆରେ ଓ ବିଦ୍ୟାଳୟର କୋଠାଘର କି ପ୍ରଭାବ ପକାଏ ଇତ୍ୟାଦି।

## ବାହାର ପରିବେଶର ବ୍ୟବହାର

ଶ୍ରେଣୀ କୋଠରୀ ବାହାରେ ଏପରି ଅନେକ ସାମଗ୍ରୀ ଅଛି ଯାହାକୁ ପାଠ ସହ ସଂପର୍କିତ କରାଯାଇ ପାରେ। ଆପଣ ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟ ଚାରିପାଖରେ ଥିବା ପତ୍ର, ବୁଢିଆଣୀ, ଗଛ, ପୋକ, ପଥର, କାଠ ସଂଗ୍ରହ କରିବାକୁ କହିପାରନ୍ତି। ସେସବୁକୁ ଶ୍ରେଣୀ ଭିତରେ ପାଠ ସହ ସଂପର୍କିତ କରାଯାଇ ପାରେ। ସେମାନଙ୍କୁ ନେଇ ବିଭିନ୍ନ ଆଲୋଚନା କରାଯାଇ ପାରେ। ଯେପରି ସଜୀବ ନିର୍ଜୀବର ଶ୍ରେଣୀ ବିଭାଗ, ଗଛର ବିଭିନ୍ନ ଅଂଶ ଆଦି ବିଭିନ୍ନ ପାଠରେ ବ୍ୟବହାର କରିପାରିବେ। ଶିକ୍ଷାର୍ଥୀମାନେ ମଧ୍ୟ ବସ ର ନିର୍ଘଣ୍ଟ ତାଲିକା, ବିଜ୍ଞାପନଗୁଡିକ ସଂଗ୍ରହ କରି ଆଣି ପାରିବେ। ତାକୁ ଉପଯୋଗ କରି ଶବ୍ଦର ଚିହ୍ନଟ, ଗୁଣାତ୍ମକ ତୁଳନା, ଯାତ୍ରା ସମୟ ଇତ୍ୟାଦି ପଢାଯାଇପାରେ।

ବାହାର ବସ୍ତୁ ଶ୍ରେଣୀଗୃହକୁ ଅଣାଯାଇ ପାରିବ କିନ୍ତୁ ତାହା ଶ୍ରେଣୀଗୃହକୁ ବାହାର ଜୀବନ ସହ ଯୋଡିବାର ମାଧ୍ୟମ ହେଉଥିବ। ବାହାରେ ଥିବା କୋଠରୀ ମଧ୍ୟ ଶିକ୍ଷାର୍ଥୀଙ୍କ ଉପଯୋଗୀ ହୋଇପାରିବ ଓ ଶିକ୍ଷାର୍ଥୀମାନେ ସହଜରେ ଦେଖି ପାରୁଥିବେ। ଆପଣ ଶିକ୍ଷାର୍ଥୀଙ୍କୁ ବାହାରକୁ ନେଇ ବିଭିନ୍ନ କାର୍ଯ୍ୟ କରିପାରିବେ।

- ବିଭିନ୍ନ ଦୂରତାର ମାପ ଓ ଅନୁମାନ
- ଗୋଟିଏ ଗୋଲେଇର ମଝିରୁ ଚାରିପାଖର ଦୂରତା ସମାନ
- ଦିନରାତି ଛାୟାର ଦୈର୍ଘ୍ୟ ମାପ
- ବିଭିନ୍ନ ଚିହ୍ନ ଏବଂ ନିର୍ଦ୍ଦେଶନାମା ପଢିବା।
- ବିଭିନ୍ନ ସାକ୍ଷାତକାର ଓ ସର୍ଭେ କରିବା।

- ସୂର୍ଯ୍ୟର କୋଷ (Solar Panels) ଚିହ୍ନଟ କରିବା
- ବର୍ଷା ସହ ଫସଲର ସଂପର୍କକୁ ତଦାରଖ କରିବା।

ବାହାରେ ବାସ୍ତବ ଅନୁଭୂତି ସହ ପାଠକୁ ଯୋଡିଲେ ଶିକ୍ଷଣକୁ ବିଭିନ୍ନ ପ୍ରସଙ୍ଗ ସହ ଯୋଡା ଯାଇପାରେ।

ଯେତେବେଳେ ଆପଣ ଶିକ୍ଷାର୍ଥୀମାନଙ୍କୁ ବାହାରକୁ ନେବାକୁ ଚାହୁଁଛନ୍ତି, ପ୍ରଧାନଶିକ୍ଷକଙ୍କ ଅନୁମତି ନେବା ପୂର୍ବରୁ ସମସ୍ତ ସୁରକ୍ଷାର ଯୋଜନା କରନ୍ତୁ। ଶିକ୍ଷାର୍ଥୀମାନଙ୍କୁ ନିରାପଦରେ ଯିବାର ନିୟମ ବତାନ୍ତୁ। ଆପଣ ଓ ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଶିଖିବାକୁ ଚାହୁଁଛନ୍ତି ସେ ବିଷୟରେ ସମ୍ପୂର୍ଣ୍ଣରୂପେ ସ୍ୱଷ୍ଟ ଧାରଣା ରହିବା ଆବଶ୍ୟକ।

## ସାମଗ୍ରୀକୁ ଉପଯୋଗୀ କରିବା

ଆପଣ ଚାହିଁଲେ ପାଖରେ ଥିବା ସାଧନ ସାମଗ୍ରୀକୁ ଶିକ୍ଷାର୍ଥୀଙ୍କ ପାଇଁ ଅଧିକ ଉପଯୋଗୀ କରିପାରନ୍ତି। ଏହି ପରିବର୍ତ୍ତନ ଅଳ୍ପ ହୋଇପାରେ ମାତ୍ର ତାହା ଶିକ୍ଷାର୍ଥୀଙ୍କ ଅଧିକ ଦରକାରରେ ଆସିପାରେ ମୁଖ୍ୟତଃ ଯେତେବେଳେ ଆପଣ ସମସ୍ତ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପାଇଁ ସଂପର୍କିତ ମନେ କରିବେ। ଉଦାହାରଣ ସ୍ୱରୂପ ଅନ୍ୟ ରାଜ୍ୟରୁ ଆସିଥିବା ଶିକ୍ଷାର୍ଥୀଙ୍କ ନାମ, ସ୍ଥାନ ବଦଳାଇ ପାରିବେ। ଏପରି ଭାବରେ ଆପଣ ସାଧନ ସାମଗ୍ରୀ ଗୁଡିକୁ ଅନ୍ତର୍ଦେଶୀୟ କରାଇ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉପଯୋଗୀ କରାଇ ପାରିବେ। ଆପଣଙ୍କ ସହକର୍ମୀଙ୍କ ସହ କାମ କରିବା ମଧ୍ୟ ଆପଣଙ୍କ ପାଇଁ ସାଧନ ଭାବରେ ବ୍ୟବହାର କରିପାରିବେ। ଆପଣଙ୍କ ସହକର୍ମୀଙ୍କ ଭିତରେ ଥିବା କୌଶଳକୁ ବ୍ୟବହାର କରି ଅନେକ ସାଧନ ପ୍ରସ୍ତୁତ କରିପାରିବେ। ଗୋଟିଏ ସହକର୍ମୀର ଗୀତ , ଅନ୍ୟର କଣ୍ଢେଇ ଖେଳ, କଣ୍ଢେଇ ପ୍ରସ୍ତୁତି, ବିଜ୍ଞାନମେଳା ପାଇଁ ପ୍ରସ୍ତୁତିକୁ ଉପଯୋଗ କରାଯାଇ ପାରେ। ଆପଣ ଶ୍ରେଣୀରେ ବ୍ୟବହାର କରୁଥିବା ସାଧନଗୁଡିକୁ ସହକର୍ମୀମାନଙ୍କ ସହ ସହଭାଗୀ କରିପାରିବେ। ସମସ୍ତେ ମିଶି ଆପଣମାନଙ୍କ ବିଦ୍ୟାଳୟକ ଏକ ଉନ୍ନତ ସାଧନ ସାମଗ୍ରୀ ଥିବା ବିଦ୍ୟାଳୟରେ ପରିଣତ କରିପାରିବେ।

## ସମ୍ବଳ 2 : ଦଳଗତ କାର୍ଯ୍ୟର ବ୍ୟବହାର

ଏକ ସାଧାରଣ ଲକ୍ଷ୍ୟ ହାସଲ କରିବା ପାଇଁ ଦଳଗତ କାର୍ଯ୍ୟ ଏକ ସୁଶୃଙ୍ଖଳିତ, ସକ୍ରିୟ ଶିକ୍ଷାଦାନ କୌଶଳ ଯାହା ଶିକ୍ଷାର୍ଥୀମାନଙ୍କୁ ଛୋଟ ଛୋଟ ଦଳରେ କାର୍ଯ୍ୟ କରିବାକୁ ଉତ୍ସାହିତ କରେ। ଏହି ଛୋଟ ଦଳଗୁଡିକ ସଂଗଠିତ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ଅଧିକ ସକ୍ରିୟ ଓ ଫଳପ୍ରଦ ଶିକ୍ଷଣକୁ ତ୍ୱରାନ୍ୱିତ କରେ।

## ଦଳଗତ କାର୍ଯ୍ୟର ଉପାଦେୟତା

ଶିକ୍ଷାର୍ଥୀଙ୍କୁ ଶିକ୍ଷଣରେ ଅଭିପ୍ରେରିତ କରିବା ପାଇଁ ଦଳଗତ କାର୍ଯ୍ୟ ଏକ ଫଳପ୍ରଦ କାର୍ଯ୍ୟ ଯାହା ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବା, ଭାବର ଆଦାନପ୍ରଦାନ କରିବା ଓ ନିଷ୍ପତ୍ତି ନେବା ପାଇଁ ଉତ୍ସାହିତ କରିଥାଏ। ଆପଣଙ୍କ ଶିକ୍ଷାର୍ଥୀମାନେ ଅନ୍ୟ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ କରିପାରିବେ ଓ ଅନ୍ୟ ଶିକ୍ଷାର୍ଥୀଙ୍କଠାରୁ ମଧ୍ୟ ଶିଖିପାରିବେ, ଶିକ୍ଷଣ ପାଇଁ ଏହା ଏକ ଶକ୍ତିଶାଳୀ ଏବଂ ସକ୍ରିୟ ରୂପ।

ଦଳଗତ କାର୍ଯ୍ୟ ଶିକ୍ଷାର୍ଥୀମାନେ ଦଳରେ ବସିବା ଠାରୁ ଉର୍ଦ୍ଧ୍ୱରେ। ଏହା ଉଦ୍ଦେଶ୍ୟକୁ ଭିତ୍ତିକରି ଶିକ୍ଷାର୍ଥୀମାନେ ଏକାଠି ମିଶି କାର୍ଯ୍ୟ କରି ସମସ୍ୟାର ସମାଧାନ କରିବାକୁ ବୁଝାଇଥାଏ। ଶିକ୍ଷଣ ପାଇଁ ଆପଣ କାହିଁକି ଦଳଗତ କାର୍ଯ୍ୟକୁ ବ୍ୟବହାର କରୁଛନ୍ତି ? ସେ ବିଷୟରେ ଆପଣଙ୍କ ସ୍ୱଷ୍ଟ ଧାରଣା ରହିବା ଆବଶ୍ୟକ ଏବଂ ଏହା ବ୍ୟାଖ୍ୟାନମୂଳକ, ଯୋଡି କାର୍ଯ୍ୟ କିମ୍ବା ଶିକ୍ଷାର୍ଥୀମାନେ ନିଜେ ଏକୁଟିଆ କାର୍ଯ୍ୟ କରିବା ଠାରୁ କାହିଁକି ଅଧିକ ଗ୍ରହଣୀୟ ତାହା ଆପଣ ଜାଣିବା ଆବଶ୍ୟକ। ଏଣୁ ଦଳଗତ କାର୍ଯ୍ୟ ଯୋଜନା ଓ ଲକ୍ଷ୍ୟ ଭିତ୍ତିକ ହେବା ଆବଶ୍ୟକ।

## ଦଳଗତ କାର୍ଯ୍ୟର ଯୋଜନା

ପାଠ ଶେଷରେ ଶିକ୍ଷାର୍ଥୀମାନେ କ'ଣ ଶିଖିବେ ଏହା ଉପରେ କେତେବେଳେ ଓ କିପରି ଦଳଗତ କାର୍ଯ୍ୟ କରାଯିବ ନିର୍ଭର କରେ। ଆପଣ ପାଠ ଆରମ୍ଭରେ, ଶେଷରେ କିମ୍ବା ମଝିରେ ଦଳଗତ କାର୍ଯ୍ୟ କରିପାରିବେ, କିନ୍ତୁ ଆପଣଙ୍କୁ ଯଥେଷ୍ଟ ସମୟର ଆବଶ୍ୟକତା ରହିଛି। ଆପଣଙ୍କ ଶିକ୍ଷାର୍ଥୀମାନେ କେଉଁ କାର୍ଯ୍ୟ ସଂପାଦନ କରିବେ ଓ ସେଥିପାଇଁ କିପରି ଉନ୍ନତମାନର ଦଳ ସଂଗଠନ କରିବେ ସେହି ବିଷୟରେ ଆପଣଙ୍କୁ ଚିନ୍ତା କରିବାର ଆବଶ୍ୟକତା ରହିଛି। ଶିକ୍ଷକ ଭାବରେ, ଯଦି ଆପଣ ଯୋଜନାଟିକୁ ପୂର୍ବରୁ କରିଥିବେ ତେବେ ଦଳଗତ କାର୍ଯ୍ୟର ସଫଳତାକୁ ନିଶ୍ଚିତ କରନ୍ତୁ।

- ଦଳଗତ କାର୍ଯ୍ୟର ଲକ୍ଷ୍ୟ ଓ ପ୍ରତ୍ୟାଶିତ ଫଳାଫଳ
- ଶିକ୍ଷଣ କାର୍ଯ୍ୟ ପାଇଁ ଆବଶ୍ୟକ ସମୟ, ମତାମତ ଏବଂ ସାରାଂଶକୁ ମଧ୍ୟ ଅନ୍ତର୍ଭୁକ୍ତ କରିବେ।
- ଦଳକୁ କିପରି ଭାଗ କରିବା (କେତୋଟି ଦଳ, ପ୍ରତି ଦଳରେ କେତେ ଶିକ୍ଷାର୍ଥୀ, ଦଳ ପାଇଁ ମାନଦଣ୍ଡ)
- ଦଳକୁ କିପରି ସଂଗଠିତ କରିବେ (ଦଳର ବିଭିନ୍ନ ସଦସ୍ୟଙ୍କ ଭୂମିକା, ଆବଶ୍ୟକ ସମୟ, ସାମଗ୍ରୀ, ବିବରଣୀ ଓ ଲିପିବଦ୍ଧକରଣ)
- ମୂଲ୍ୟାୟନ କିପରି କରିବେ ଓ ଏହାକୁ ଲିପିବଦ୍ଧ କିପରି କରିବେ (ବ୍ୟକ୍ତିଗତ ମୂଲ୍ୟାୟନ ଓ ଦଳଗତ ମୂଲ୍ୟାୟନର ପାର୍ଥକ୍ୟକୁ ଦୃଷ୍ଟି ଦିଅନ୍ତୁ)।
- ଦଳଗତ କାର୍ଯ୍ୟକୁ ଆପଣ କିପରି ତଦାରଖ କରିବେ।

## ଦଳଗତ କାର୍ଯ୍ୟର ସମସ୍ୟା

ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଶିଖିବାକୁ ଚାହୁଁଛନ୍ତି ତାହା ଉପରେ ଶିକ୍ଷାର୍ଥୀମାନଙ୍କୁ କେଉଁ ସମସ୍ୟା ଦେବେ ନିର୍ଭର କରୁଛି। ଶିକ୍ଷାର୍ଥୀମାନେ ଦଳରେ କାର୍ଯ୍ୟ କଲେ, ସେମାନେ ପରସ୍ପରକୁ ଶୁଣିବେ, ସେମାନଙ୍କ ଚିନ୍ତାଧାରାକୁ ବୁଝାଇପାରିବେ ଓ ଏକାଠି ମିଶି ଦଳରେ କାର୍ଯ୍ୟ କରିବାର କୌଶଳ ଶିଖିପାରିବେ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଆପଣ ପଢାଉଥିବା ପାଠଟିକୁ ଶିକ୍ଷାର୍ଥୀମାନେ ବୁଝିପାରିବା। ଏଠାରେ କେତେକ ସମସ୍ୟା ବିଷୟରେ ବର୍ଣ୍ଣନା କରାଯାଇଛି।

- **ଉପସ୍ଥାପନା :** ଶିକ୍ଷାର୍ଥୀମାନେ ଦଳରେ ବସି ସମଗ୍ର ଶ୍ରେଣୀ ପାଇଁ ଉପସ୍ଥାପନ ପ୍ରସ୍ତୁତ କରିବେ। ପ୍ରତ୍ୟେକ ଦଳ ପାଇଁ ଅଲଗା ପାଠ /ଧାରଣା ଦିଆଗଲେ, ପ୍ରତି ଦଳ ଅନ୍ୟ ଦଳର କଥା ଶୁଣିବାକୁ ଅଭିପ୍ରେରିତ ହେବେ କିନ୍ତୁ ସମାନ ଧାରଣା ହେଲେ ସେହି କଥାକୁ ବାରମ୍ବାର ଶୁଣିବାକୁ ପଡିବ। ପ୍ରତିଦଳ କେତେ ସମୟ ପାଇଁ ଉପସ୍ଥାପନ କରିବେ, ତାହା ନିର୍ଦ୍ଧାରଣ କରନ୍ତୁ। ଉତ୍ତମ ଉପସ୍ଥାପନା ପାଇଁ ଏକ ମାନଦଣ୍ଡ ପ୍ରସ୍ତୁତ କରନ୍ତୁ। ପାଠ ପଢାଇବା ପୂର୍ବରୁ ଏହି ସୂଚନାଗୁଡିକୁ କଳାପଟାରେ ଲେଖନ୍ତୁ। ଶିକ୍ଷାର୍ଥୀମାନେ ମାନଦଣ୍ଡକୁ ବ୍ୟବହାର କରି ସେମାନଙ୍କ ଉପସ୍ଥାପନା ପାଇଁ ଯୋଜନା କରିବେ ଏବଂ ଜଣେ ଅନ୍ୟଜଣଙ୍କ କାର୍ଯ୍ୟକୁ ମୂଲ୍ୟାୟନ କରିବେ। ମାନଦଣ୍ଡରେ ନିମ୍ନ ତଥ୍ୟଗୁଡିକୁ ଅନ୍ତର୍ଭୁକ୍ତ କରାଯିବ।
  - ଉପସ୍ଥାପନଟି ସ୍ୱଷ୍ଟ ଥିଲା କି ?
  - ଉପସ୍ଥାପନଟି ସୁସଂଗଠିତ ଥିଲା କି ?
  - ମୁଁ ଉପସ୍ଥାପନାରୁ କିଛି ଶିଖିଲି କି ?
  - ଉପସ୍ଥାପନଟି ମୋତେ ଚିନ୍ତା କରିବାକୁ ସୁଯୋଗ ଦେଲା କି ?
- **ସମସ୍ୟା ସମାଧାନ :** ଶିକ୍ଷାର୍ଥୀମାନେ ଦଳରେ ଏକାଠି ବସି ଗୋଟିଏ ସମସ୍ୟା କିମ୍ବା ଅନେକଗୁଡିଏ ସମସ୍ୟାର ସମାଧାନ କରିଥାନ୍ତି। ଏହା ବିଜ୍ଞାନର କୌଣସି ପରୀକ୍ଷା ହୋଇପାରେ, ଗଣିତରେ ସମସ୍ୟା ସମାଧାନ, ଗଳ୍ପକୁ ବିଶ୍ଳେଷଣ କିମ୍ବା ଇଂରାଜୀ କବିତା ବିଶ୍ଳେଷଣ କିମ୍ବା ଇତିହାସର କୌଣସି ଘଟଣାବଳୀର ବିଶ୍ଳେଷଣ ହୋଇପାରେ।
- **କଳାକୃତି କିମ୍ବା ଉତ୍ପାଦ ସୃଷ୍ଟି କରିବା :** ଶିକ୍ଷାର୍ଥୀମାନେ ଦଳରେ ବସି ବିଭିନ୍ନ କାର୍ଯ୍ୟ କରିପାରିବେ ଯେପରି ଏକ ଗଳ୍ପ ଲେଖିବା, ଡ୍ରାମା /ନାଟକ ରଚନା କରିବା, ଗୀତ /କବିତା ଲେଖିବା, ଏକ ଧାରଣାକୁ ବୁଝାଇବା ପାଇଁ ମଡେଲ ପ୍ରସ୍ତୁତି, ଯେ

କୌଣସି ସମସ୍ୟା ଆଧାରିତ ସମ୍ବାଦ ଲେଖିବା, ତଥ୍ୟର ସାରାଂଶ ପାଇଁ ପୋଷ୍ଟର ପ୍ରସ୍ତୁତି କିମ୍ବା ଏକ ଧାରଣାକୁ ବୁଝାଇବା ହୋଇପାରେ।

ଯେ କୌଣସି ନୂଆ ପାଠ ଉପରେ ମାନସ ମନ୍ଥନ କରିବା ପାଇଁ କିମ୍ବା ପ୍ରତ୍ୟକ୍ଷ ଚିତ୍ର ପ୍ରସ୍ତୁତ କରିବା ପାଇଁ ଦଳଗୁଡ଼ିକୁ ପାଞ୍ଚ ମିନିଟ୍ ସମୟ ଦିଆଯିବ, ଫଳରେ ସେମାନେ କ'ଣ ଜାଣିଛନ୍ତି ଆପଣ ଜାଣିପାରିବେ ଯାହା ଆପଣଙ୍କୁ ପାଠଟିକୁ ଆଗେଇ ନେବାରେ ସାହାଯ୍ୟ କରିବ।

- **ବିଭିନ୍ନ ପ୍ରକାର ସମସ୍ୟା/କାର୍ଯ୍ୟ:** ଦଳଗତ କାର୍ଯ୍ୟରେ ବିଭିନ୍ନ ବୟସର ଶିକ୍ଷାର୍ଥୀ ଓ ବିଭିନ୍ନ ସ୍ତରର ଶିକ୍ଷାର୍ଥୀ ଗୋଟିଏ ସମସ୍ୟା ଉପରେ ଏକାଠି ମିଶି କାର୍ଯ୍ୟ କରିବାର ସୁଯୋଗ ପାଆନ୍ତି। ଭଲ ଶିକ୍ଷାର୍ଥୀମାନେ କାର୍ଯ୍ୟଟିକୁ ବୁଝାଇବାର ସୁଯୋଗ ପାଇଥାନ୍ତି। କିନ୍ତୁ ଦୁର୍ବଳ ଶିକ୍ଷାର୍ଥୀମାନେ ଶ୍ରେଣୀ ଅପେକ୍ଷା ଛୋଟ ଦଳରେ ପ୍ରଶ୍ନ ପଚାରିବା ପାଇଁ ସହଜ ମନେ କରିଥାନ୍ତି ଏବଂ ସହପାଠୀଙ୍କ ଠାରୁ ଶିଖିଥାନ୍ତି।
- **ଆଲୋଚନା:** ଶିକ୍ଷାର୍ଥୀମାନେ ଏକ ସମସ୍ୟାକୁ ନେଇ ଆଲୋଚନା କରି ସିଦ୍ଧାନ୍ତ ନେଇଥାନ୍ତି। ଆପଣଂକୁ ଏଥିପାଇଁ ସାମାନ୍ୟ ପ୍ରସ୍ତୁତି କରିବାକୁ ପଡିବ କାରଣ ଆପଣ ନିଶ୍ଚିତ ହେବା ଦରକାର ଶିକ୍ଷାର୍ଥୀମାନଙ୍କ ପାଖରେ ବିଭିନ୍ନ ବିକଳ୍ପକୁ ଗ୍ରହଣ କରିବା ପାଇଁ ଯଥେଷ୍ଟ ଜ୍ଞାନ ଅଛି କିନ୍ତୁ ଆଲୋଚନାକୁ ସଂଗଠିତ କରିବା କିମ୍ବା ତର୍କ କରିବା ଆପଣଙ୍କ ପାଇଁ ଓ ଶିକ୍ଷାର୍ଥୀମାନଙ୍କ ପାଇଁ ମଧ୍ୟ ଉପଯୋଗୀ।

## ଦଳକୁ ସଂଗଠିତ କରିବା

ଚାରିରୁ ଆଠଟି ସଦସ୍ୟଙ୍କୁ ନେଇ ଦଳଟି ଗଠିତ ହେଲେ ଉତ୍ତମ କିନ୍ତୁ ଏହା ଶ୍ରେଣୀର ଶିକ୍ଷାର୍ଥୀ ସଂଖ୍ୟା, ଭୌତିକ ପରିବେଶ ଓ ଆସବାବ ପତ୍ର, ଶିକ୍ଷାର୍ଥୀଙ୍କ ସ୍ତର ଏବଂ ବୟସ ଉପରେ ନିର୍ଭର କରେ। ସାଧାରଣତଃ ଦଳର ପ୍ରତ୍ୟେକ ସଦସ୍ୟ ଅନ୍ୟଜଣଙ୍କୁ ଦେଖିବା, କଥା ହେବା ଦରକାର ଏବଂ ଦଳର ଲକ୍ଷ୍ୟ ହାସଲରେ ଭାଗିଦାରୀ ହେବା ଆବଶ୍ୟକ।

- ଆପଣ ଶିକ୍ଷାର୍ଥୀମାନଙ୍କୁ କାହିଁକି ଓ କିପରି ଦଳରେ ଭାଗ କରିବେ, ନିଷ୍ପତ୍ତି ନିଅନ୍ତୁ। ଉଦାହରଣ- ଆପଣ ବନ୍ଧୁତା, ଆଗ୍ରହ କିମ୍ବା ସମାନ /ମିଶ୍ରିତ ସ୍ତର ଭିତ୍ତିରେ ଦଳ ଗଠନ କରିପାରିବେ। ବିଭିନ୍ନ ପ୍ରକାର ଦଳଗଠନ କରନ୍ତୁ, ଦେଖନ୍ତୁ କେଉଁ ପ୍ରକାର ଦଳ ଅଧିକ ଫଳପ୍ରଦ ହେଉଛି।
- ଦଳର ସଦସ୍ୟମାନଙ୍କୁ କିଛି ଭୂମିକା ଦେବାକୁ ଥିଲେ ଯୋଜନା କରନ୍ତୁ (ଉଦାହରଣ – ବିବରଣୀ ଲିଖନ, ସମୟ ରକ୍ଷକ, ଉପସ୍ଥାପକ କିମ୍ବା ଯନ୍ତ୍ରପାତି ସଂଗ୍ରହ) ଏବଂ ଏହାକୁ କିପରି ସ୍ୱଷ୍ଟ ଭାବେ ଉପସ୍ଥାପନ କରିବେ।

## ଦଳଗତ କାର୍ଯ୍ୟର ପରିଚାଳନା

ଆପଣ ଉତ୍ତମ ଦଳଗତ କାର୍ଯ୍ୟ ପାଇଁ ରୁଟିନ୍ ଓ ନିୟମ ପ୍ରସ୍ତୁତ କରିପାରନ୍ତି। ଆପଣ ଯେତେବେଳେ ନିରନ୍ତର ଭାବରେ ଦଳଗତ କାର୍ଯ୍ୟ କରିବେ, ସେତେବେଳେ ଶିକ୍ଷାର୍ଥୀମାନେ ଆପଣ କ'ଣ ଆଶା କରୁଛନ୍ତି ଜାଣିପାରିବେ ଏବଂ ଏହି କାର୍ଯ୍ୟଟିରୁ ଆନନ୍ଦ ପାଇବେ। ପ୍ରଥମେ ଶିକ୍ଷାର୍ଥୀମାନଙ୍କ ସହିତ ଦଳଗତ କାର୍ଯ୍ୟର ସୁବିଧା ବିଷୟରେ ଆଲୋଚନା କରନ୍ତୁ। ଆପଣ ଶିକ୍ଷାର୍ଥୀମାନଙ୍କ ସହିତ ଉତ୍ତମ ଦଳଗତ କାର୍ଯ୍ୟର ଲକ୍ଷଣଗୁଡ଼ିକ ବିଷୟରେ ଆଲୋଚନା କରିବେ ଓ ସେଥିରୁ ନିୟମର ଏକ ତାଲିକା ବାହାର କରି ପ୍ରଦର୍ଶିତ କରିବେ। ଉଦାହରଣ 'ପ୍ରତ୍ୟେକଙ୍କୁ ସମ୍ମାନ ଦିଅନ୍ତୁ,' 'ଅନ୍ୟକୁ ଶୁଣିବା', 'ଅନ୍ୟକୁ ସାହାଯ୍ୟ କରିବା', 'ଅନେକ ଧାରଣାକୁ ନେଇ ଚେଷ୍ଟା କରିବା' ଇତ୍ୟାଦି।

ଦଳଗତ କାର୍ଯ୍ୟ ବିଷୟରେ ସ୍ୱଷ୍ଟ ସୂଚନା ଦେବା ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଏହି ସୂଚନାଗୁଡ଼ିକୁ ମଧ୍ୟ କଳାପଟାରେ ଲେଖାଯାଇ ପାରେ। ଏଥିପାଇଁ ଆପଣଙ୍କୁ

- ଆପଣଙ୍କ ଯୋଜନା ଅନୁସାରେ ଶିକ୍ଷାର୍ଥୀମାନେ ଶ୍ରେଣୀର କେଉଁ ସ୍ଥାନରେ ଦଳରେ ବସି କାର୍ଯ୍ୟ କରିବେ କିମ୍ବା ସେମାନେ ଆସବାବପତ୍ର ବା ସ୍କୁଲ ବ୍ୟାଗକୁ କେଉଁଠି ରଖିବେ ନିର୍ଦ୍ଦେଶ ଦିଅନ୍ତୁ।

- ସମସ୍ୟା ବିଷୟରେ ସ୍ପଷ୍ଟ ଧାରଣା ଆଣନ୍ତୁ ଏବଂ ସୂଚନାକୁ କଳାପଟାରେ ଲେଖନ୍ତୁ। ଆପଣ କାର୍ଯ୍ୟଟିକୁ ଆରମ୍ଭ କରିବା ପୂର୍ବରୁ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଅନୁମତି ଦିଅନ୍ତୁ।

ପାଠ ପଢାଉଥିବା ସମୟରେ, ଦଳରେ ଶିକ୍ଷାର୍ଥୀମାନେ କିପରି କାର୍ଯ୍ୟ କରୁଛନ୍ତି ତାହାକୁ ପର୍ଯ୍ୟବେକ୍ଷଣ କରନ୍ତୁ। ଯଦି ଶିକ୍ଷାର୍ଥୀମାନେ ସମସ୍ୟା ଠାରୁ ଦୂରେଇ ଯାଉଛନ୍ତି, ତେବେ ଆବଶ୍ୟକ ସ୍ଥଳେ ପରାମର୍ଶ ଦିଅନ୍ତୁ।

ଆପଣ କାର୍ଯ୍ୟ କରିବା ସମୟରେ ଆବଶ୍ୟକ ସ୍ଥଳେ ମଧ୍ୟ ଦଳ ପରିବର୍ତ୍ତନ କରିପାରନ୍ତି। ଆପଣ ଦଳଗତ କାର୍ଯ୍ୟ ସମ୍ବନ୍ଧରେ ଆତ୍ମବିଶ୍ୱାସ ହାସଲ କରିବା ପାଇଁ ନିମ୍ନରେ ଦୁଇଟି କୌଶଳ ବର୍ଣ୍ଣନା କରାଯାଇଛି ଯାହା ଆପଣ ଚେଷ୍ଟା କରିପାରିବେ । ବହୁତ ଶିକ୍ଷାର୍ଥୀ ଥିବା ଶ୍ରେଣୀକୁ ପରିଚାଳନା କଲାବେଳେ ଏହା ଆପଣଙ୍କୁ ସାହାଯ୍ୟ କରିବ।

- **ଦକ୍ଷ ଦଳ :** ପ୍ରତ୍ୟେକ ଦଳକୁ ଭିନ୍ନ ସମସ୍ୟା / କାର୍ଯ୍ୟ ଦିଅନ୍ତୁ ଯେପରି ବିଦ୍ୟୁତ ଉତ୍ପାଦନ ହେବାର ଏକ ଉପାୟକୁ ଗବେଷଣା କରିବା, କିମ୍ବା ନାଟକ ପାଇଁ ଏକ ଚରିତ୍ର ଲେଖିବା। କିଛି ସମୟ ପରେ ଦଳଗୁଡିକୁ ପୁନଃସଂଗଠିତ କରନ୍ତୁ ଯେପରି ପ୍ରତ୍ୟେକ ଦଳରେ ଜଣେ ଲେଖାଏଁ ଦକ୍ଷ ଶିକ୍ଷାର୍ଥୀ ରହିବେ। ତା'ପରେ ସେମାନଙ୍କୁ ଏକ ସମସ୍ୟା ଦିଅନ୍ତୁ, ଯେଉଁଥିରେ ସବୁ ଦକ୍ଷ ଶିକ୍ଷାର୍ଥୀମାନଙ୍କର ଜ୍ଞାନକୁ ଅନ୍ତର୍ଭୁକ୍ତ କରିବେ ଯେପରି କେଉଁ ପ୍ରକାର ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ କରିବେ କିମ୍ବା ଡ୍ରାମାର ଏକ ଅଂଶ ପ୍ରସ୍ତୁତ କରିବେ।
- **ପ୍ରତିନିଧି:** ଯଦି ସମସ୍ୟାଟିରେ କିଛି ସୃଷ୍ଟି କରିବା କିମ୍ବା ସମସ୍ୟା ସମାଧାନ କରିବାର ଥାଏ, ତେବେ କିଛି ସମୟ ପରେ ଆପଣ ପ୍ରତିଦଳରୁ ଏକ ପ୍ରତିନିଧି ଅନ୍ୟଦଳକୁ ପଠାନ୍ତୁ। ସେମାନେ ଧାରଣା ବା ସମାଧାନର ଉପାୟଗୁଡିକୁ ତୁଳନା କରିବେ ଏବଂ ତାଙ୍କ ନିଜ ଦଳକୁ ଯାଇ ବିବରଣୀ ପ୍ରଦାନ କରିବେ। ଏହି ଉପାୟରେ ଗୋଟିଏ ଦଳରୁ ଅନ୍ୟଦଳ କିଛି ଶିଖିପାରିବେ।

କାର୍ଯ୍ୟଟି ଶେଷରେ କ'ଣ ଶିଖିଲେ ତା'ର ସାରାଂଶ ପ୍ରସ୍ତୁତ କରିବାକୁ କୁହନ୍ତୁ ଏବଂ ଶିକ୍ଷାର୍ଥୀମାନଙ୍କର କିଛି ଭୁଲ ଧାରଣା ଥିଲେ ତାର ସଂଶୋଧନ କରନ୍ତୁ। ଆପଣ ହୁଏତ ପ୍ରତ୍ୟେକ ଦଳର ମତାମତ ଶୁଣିବାକୁ ଚାହିଁପାରନ୍ତି କିମ୍ବା ଗୋଟିଏ ବା ଦୁଇଟି ଦଳର ଯେଉଁ ଶିକ୍ଷାର୍ଥୀଟିର ଭଲ ଧାରଣା ଅଛି ସେହିମାନଙ୍କୁ ପଚାରି ପାରନ୍ତି। ଶିକ୍ଷାର୍ଥୀମାନଙ୍କୁ ବିବରଣୀ ସଂକ୍ଷିପ୍ତରେ ଲେଖିବାକୁ କୁହନ୍ତୁ ଏବଂ ସେମାନଙ୍କୁ ଗୋଟିଏ ଦଳ ଅନ୍ୟ ଦଳର କାର୍ଯ୍ୟ ନିରୀକ୍ଷଣ କଲାବେଳେ କେଉଁ କାର୍ଯ୍ୟଟି ଭଲ ହୋଇଥିଲା, କେଉଁଠି ଆନନ୍ଦଦାୟୀ ହୋଇଥିଲା କିମ୍ବା କ'ଣ କଲେ ଅଧିକ ଭଲ ହେବ ଏଭଳି ମତାମତ ଦେବାକୁ ଉତ୍ସାହିତ କରନ୍ତୁ।

ଆପଣ ଶ୍ରେଣୀରେ ଦଳଗତ କାର୍ଯ୍ୟ କରିବାକୁ ଚାହୁଁଛନ୍ତି, ବେଳେବେଳେ ମଧ୍ୟ କେତେକ ଶିକ୍ଷାର୍ଥୀଙ୍କ ପାଇଁ ଦଳଗତ କାର୍ଯ୍ୟ ସଂଗଠିତ କରିବା କଷ୍ଟକର ହୋଇପାରେ। ଯେପରି କେତେକ ଶିକ୍ଷାର୍ଥୀ

- ସକ୍ରିୟ ଶିକ୍ଷଣକୁ ବିରୋଧ କରନ୍ତି ଏବଂ ଅଂଶଗ୍ରହଣ କରନ୍ତି ନାହିଁ।
- ପ୍ରଭାବଶାଳୀ ହୋଇଥା'ନ୍ତି।
- ଦୃଢ଼ବିଶ୍ୱାସର ଅଭାବ କିମ୍ବା ଅନ୍ୟମାନଙ୍କ ସହ ମିଶିପାରୁ ନଥିବାରୁ ଦଳଗତ କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି ନାହିଁ।

ଦଳଗତ କାର୍ଯ୍ୟକୁ ସଫଳ ଭାବରେ ପରିଚାଳନା କରିବା ପାଇଁ ଆପଣ ଉପରେ ଲେଖାଯାଇଥିବା ଦିଗଗୁଡିକୁ ଗୁରୁତ୍ୱର ସହିତ ବିଚାର କରିବେ ଏଥିସହିତ ପ୍ରତ୍ୟାଶିତ ଫଳାଫଳ କେତେ ଦୂର ହାସଲ ହେଲା ଏବଂ ଶିକ୍ଷାର୍ଥୀମାନେ କିଭଳି ଭାବରେ ଉତ୍ତର ଦେଉଛନ୍ତି ମଧ୍ୟ ଏହାକୁ ଲକ୍ଷ୍ୟ କରିବେ (ସବୁ ଶିକ୍ଷାର୍ଥୀ ଉପକୃତ ହେଲେ କି?) ଆପଣ ଯଦି କୌଣସି ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ଯେପରି ଦଳଗତ ସମସ୍ୟା, ସମ୍ବଳ, ସମୟ କିମ୍ବା ଦଳଗଠନ ତେବେ ଆପଣଙ୍କୁ ଯତ୍ନର ସହିତ ଯୋଜନା କରିବାକୁ ପଡିବ।

ଶିକ୍ଷାର୍ଥୀଙ୍କ ଉପଲବ୍ଧିରେ ସବୁବେଳେ ଦଳଗତ ଶିକ୍ଷଣ କାର୍ଯ୍ୟର ସକାରାତ୍ମକ ପ୍ରଭାବ ପଡିବ ନାହିଁ – ଗବେଷଣା ଲବ୍ଧ ତଥ୍ୟରୁ ଏହା ଜଣାପଡିଛି। ତେଣୁ ଆପଣ ପ୍ରତ୍ୟେକ ପାଠ ପାଇଁ ଦଳଗତ କାର୍ଯ୍ୟ ବ୍ୟବହାର କରିବା ଉଚିତ୍ ନୁହେଁ। ଆପଣ ଦଳଗତ କାର୍ଯ୍ୟକୁ ସହାୟକ କୌଶଳ ଭାବରେ ବ୍ୟବହାର କରିବାକୁ ଚାହିଁପାରନ୍ତି। ଉଦାହାରଣ– ପାଠ ପରିବର୍ତ୍ତନ କଲାବେଳେ ଏକ ବିରତି ପାଇଁ କିମ୍ବା ଶ୍ରେଣୀରେ ଆଲୋଚନାକୁ ହଠାତ୍ ଆରମ୍ଭ କରିବା ବେଳେ, ଏହାକୁ ମଧ୍ୟ ପାଠ ଆରମ୍ଭ କରିବା ସମୟରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ

କାର୍ଯ୍ୟ ବିଷୟରେ ଥିବା ଅନୁଭୂତିକୁ ଜାଣିବା ପାଇଁ ଏବଂ ଶ୍ରେଣୀରେ ସମସ୍ୟା ସମାଧାନ କାର୍ଯ୍ୟ କରିବା ସମୟରେ କିମ୍ବା ପାଠଟିକୁ ସମୀକ୍ଷା କରିବା ସମୟରେ ବ୍ୟବହାର କରାଯାଇ ପାରେ ।

## ସମ୍ବଳ-3 : ବାହାରେ ଶିକ୍ଷଣକାର୍ଯ୍ୟ କରିବା ପାଇଁ କିଛି ଧାରଣା

***ସାରଣୀ ସ 4.1*** *ବାହାରେ ଶିକ୍ଷଣକାର୍ଯ୍ୟ କରିବା ପାଇଁ କିଛି ଧାରଣା*

| ମାନବ | ସାମଗ୍ରୀ | ଭୌତିକ ପ୍ରକ୍ରିୟା |
|---|---|---|
| ଆମେ ବ୍ୟାୟାମ କଲାବେଳେ ଆମର ହୃତ୍‌ସ୍ପନ୍ଦନ କାହିଁକି ବଢ଼ିଯାଏ? ଏହା କିପରି କମେ? ବ୍ୟାୟାମ କରିବା ପୂର୍ବରୁ ଓ ପରେ ଶିକ୍ଷାର୍ଥୀର ହୃତ୍‌ସ୍ପନ୍ଦନକୁ ଲିପିବଦ୍ଧ କରନ୍ତୁ । ଏହି ତଥ୍ୟକୁ ଗୋଟିଏ ଲେଖଚିତ୍ର ଦ୍ୱାରା ଦର୍ଶାନ୍ତୁ । ଯାହାଦ୍ୱାରା ଆପଣ ଆପଣଙ୍କ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ମଧ୍ୟରେ ତୁଳନା କରିପାରିବେ । | **ବସ୍ତୁମାନଙ୍କ ଚିହ୍ନଟି କରଣ:** ବିଦ୍ୟାଳୟ ଚାରିପାଖରେ ଥିବା ବସ୍ତୁ ଖୋଜନ୍ତୁ, ପାଇଲା ପରେ ତାର ଏକ ତାଲିକା ପ୍ରସ୍ତୁତ କରନ୍ତୁ । କେଉଁଟି କେଉଁ ପଦାର୍ଥ, ପିଲାମାନଙ୍କୁ କହିବା ପାଇଁ କୁହନ୍ତୁ । ଏଥିରେ ବସ୍ତୁର କେଉଁ ଗୁଣ ଅଛି, ଏହା କେଉଁ କାର୍ଯ୍ୟରେ ଲାଗେ । ସମୟକ୍ରମେ ବସ୍ତୁର ପରିବର୍ତ୍ତନ ହୋଇଛି କି? | **ଗୋଟିଏ ଗୁଡ଼ି ପରିକଳ୍ପନା ଓ ତିଆରି କରନ୍ତୁ:** ଶିକ୍ଷାର୍ଥୀମାନଙ୍କୁ ଗୁଡ଼ି ତିଆରି କରିବା ପାଇଁ ଉପଯୁକ୍ତ ଉପକରଣର ଅନୁସନ୍ଧାନ ଓ ଉପଯୁକ୍ତ ଆକାର ଭାବନ୍ତୁ, ବିନା ଲାଞ୍ଜରେ ଗୁଡ଼ିଟି ଉଡ଼ିପାରେ କି? ଗୁଡ଼ିଟି କିପରି ଉଡେ? ଏହା ଆକାଶରେ କିପରି ଧରି ରଖାଯାଇ ପାରିବ? |
| **ଲମ୍ବଡ଼ିଆଁ:** କେଉଁ କାର୍ଯ୍ୟ ଶିକ୍ଷାର୍ଥୀଙ୍କୁ ଭଲ ଲମ୍ବ ଡ଼ିଆଁଳି କରାଇ ପାରିବ? ଶିକ୍ଷାର୍ଥୀଟି ଡେଇଁଥିବା ଦୂରତା ଓ ଉରୁଅସ୍ଥି ମଧ୍ୟରେ କୌଣସି ସମ୍ପର୍କ ଅଛି କି? | **ମୃତ୍ତିକା ପରୀକ୍ଷଣ:** ବିଭିନ୍ନ ସ୍ଥାନରୁ ବିଭିନ୍ନ ପ୍ରକାର ମୃତ୍ତିକା ସଂଗ୍ରହ କରନ୍ତୁ । ଯବକାଚ ବ୍ୟବହାର କରି ଏମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ପର୍ଯ୍ୟବେକ୍ଷଣ କରନ୍ତୁ। ମାଟିର ପ୍ରକାର ଭେଦ ଜାଣିବା ପାଇଁ ବର୍ଗୀକରଣ ଫର୍ଦ୍ଦ ବ୍ୟବହର କରନ୍ତୁ । ମୃତ୍ତିକାକୁ ଚାଲୁଣୀରେ ଚଲାଇ ଉପାଦାନଗୁଡ଼ିକ ଚିହ୍ନଟ କରନ୍ତୁ । | **ବଳର ଅନ୍ୱେଷଣ:** ଗୋଟିଏ ଦରଜାକୁ ଖୋଲିବା ଏବଂ ବନ୍ଦ କରିବା ପାଇଁ କେଉଁ ବଳ ପ୍ରୟୋଗ କରାଯାଏ କିମ୍ବା ଖେଳପଡ଼ିଆରେ ଖେଳନା ଓ ବିନା ଖେଳନାରେ ଖେଳିବା?<br>କେଉଁ ବଳଗୁଡ଼ିକ ବ୍ୟବହାର କରାଯାଏ ତାର ଚିତ୍ର ଅଙ୍କନ କରନ୍ତୁ । |
| **ମାଂସପେଶୀ ଓ ଖଞ୍ଜା:** ଖେଳ ପଡ଼ିଆରେ ଖେଳିବା ସମୟରେ କେଉଁ ମାଂସପେଶୀ କାର୍ଯ୍ୟ କରୁଛି ତାହା ଅନୁସନ୍ଧାନ କରନ୍ତୁ । ଶିକ୍ଷାର୍ଥୀମାନଙ୍କୁ ପଚାରନ୍ତୁ ଯେତେବେଳେ ତାଙ୍କ ସହଯୋଗୀ ଦୌଡୁଛି, ଡେଇଁଛି ଓ ବଲ ଧରୁଛି ତାର ମାଂସପେଶୀରେ କ'ଣ ପରିବର୍ତ୍ତନ ଘଟୁଛି? | **ପ୍ରାକୃତିକ ଓ ମନୁଷ୍ୟକୃତ ସାମଗ୍ରୀ:** ବିଦ୍ୟାଳୟ ବାହାରକୁ ଯାଇ ମନୁଷ୍ୟକୃତ ଓ ପ୍ରାକୃତିକ ଜିନିଷର ଅନୁସନ୍ଧାନ କରିବାକୁ କୁହନ୍ତୁ । ସେଗୁଡ଼ିକର ଲକ୍ଷଣ କ'ଣ? ସୂର୍ଯ୍ୟକିରଣ ଓ ବର୍ଷା ପ୍ରଭାବରେ ଏସବୁ ଜିନିଷର ପରିବର୍ତ୍ତନ ଘଟୁଛି କି? | **ଶକ୍ତି ସ୍ଥାନାନ୍ତରିତ:** ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଏକ ସପ୍ତାହ ଆସିଲା ପରେ ଗୋଟିଏ ଗଛ, ଗୋଟେ କପ୍ ପାଣି ଓ ଖଣ୍ଡେ ରଙ୍ଗୀନ କାଗଜର କ'ଣ ପରିବର୍ତ୍ତନ ଘଟୁଛି । କିଛି ସମୟ ପାଇଁ ଦେଖନ୍ତୁ ତାର ପରିବର୍ତ୍ତନକୁ ଲେଖି ରଖନ୍ତୁ । ମେଘୁଆ ପାଗରେ, ରାତିରେ ଏହାର ପରିବର୍ତ୍ତନକୁ ଲକ୍ଷ୍ୟ କରନ୍ତୁ । |

| ମାନବ | ସାମଗ୍ରୀ | ଭୌତିକ ପ୍ରକ୍ରିୟା |
|---|---|---|
| **ଖାଦ୍ୟ ଖୋଜିବା:** କେତେ ଗୁଡ଼ିଏ ଖାଦ୍ୟର ଚିତ୍ରକୁ ବାହାରେ ଘୋଡ଼ାଇ ରଖନ୍ତୁ। ପ୍ରତ୍ୟେକ ଶିକ୍ଷାର୍ଥୀ ଶ୍ୱେତସାର, ସ୍ନେହସାର, ଧାତୁସାର ଜାତୀୟ ଖାଦ୍ୟର ତିନୋଟି ଲେଖାଏଁ ଚିତ୍ର ଆଣିବା ପାଇଁ ବହୁତ ଶିକ୍ଷାର୍ଥୀମାନେ କ'ଣ ଏକ ସୁଷମ ଖାଦ୍ୟ ପାଇଁ ଚିତ୍ର ଯୋଗାଡ଼ କରିପାରିଲେ ? | **ଅବସ୍ଥାର ପରିବର୍ତ୍ତନ:** ବର୍ଷା ସମୟରେ (କୌଣସି ଏକ ଖାଲ ଜାଗାର ପାଣିକୁ ଦେଖନ୍ତୁ) କିଛିଦିନ ବା ସମୟ ପରେ ଏହି ପାଣି କୁଆଡେ ଗଲା ? ପାଣିରେ କିଛି ଲୁଣ ଓ ଚିନି ଗୋଳାଇ ଦିଅନ୍ତୁ । ଏହାକୁ ପୂର୍ବାବସ୍ଥାକୁ ଆଣିବା ପାଇଁ ଆମେ କ'ଣ କରିପାରିବା ? | **ଛାୟା:** ଦୁଇ ଜଣିଆ ଦଳର ଶିକ୍ଷାର୍ଥୀ ଜଣେ ଆଉ ଜଣଙ୍କ ଛାଇକୁ ଅଙ୍କନ କରନ୍ତୁ ।<br>ବିଦ୍ୟାଳୟକୁ ଆସିବା ସମୟରେ ଯିବା ସମୟରେ ଦେଖନ୍ତୁ ଓ ପରିବର୍ତ୍ତନକୁ ଲକ୍ଷ୍ୟକରନ୍ତୁ । |
| | | **ଆଲୋକ ତରଙ୍ଗ:** ବିଭିନ୍ନ ରଙ୍ଗ ନାଲି ଓ ସବୁଜର ଜରି ନେଇ ବାହାରର ଜିନିଷକୁ ଦେଖନ୍ତୁ । ପ୍ରକୃତ ରଙ୍ଗ ରଙ୍ଗୀନ କାଗଜରେ କିପରି ଦିଶିଲା ? ତାକୁ ଲକ୍ଷ୍ୟ କରନ୍ତୁ । କାହିଁକି ଏପରି ଘଟିଲା ? |
| | | **ଦୃତଗାମୀ କାର:** ଖେଳନା ଗାଡ଼ି କେଉଁ ଚଟାଣରେ ଦ୍ରୁତ ଗତିରେ ଓ ଧୀର ଗତିରେ ଯାଏ । କାହିଁକି ଏପରି ହୁଏ ? |

## Additional resources

- A module for teachers on using the outside environment: http://www.unesco.org/education/tlsf/mods/theme_d/mod26.html

## References/bibliography


BodhaguruLearning [YouTube user] (2012) ‘Science – types of plants – English’ (online), YouTube, 1 June. Available from: http://www.youtube.com/watch?v=ODjAfDxThGU (accessed 18 December 2013).

JinguKid [YouTube user] (2013) ‘Plants’ (online), YouTube, 26 March. Available from: http://www.youtube.com/watch?v=j4AkT5WDSXg (accessed 18 December 2013).

National Council for Teacher Education (2009) *National Curriculum Framework for Teacher Education* [Online], New Delhi, NCTE. Available at http://www.ncteindia.org/publicnotice/NCFTE_2010.pdf (accessed 16 January 2014).

New Jersey Pinelands Commission (undated) ‘Lesson 1: tree, shrub, herb’ (online), On-Line Curriculum Project. Available from: http://www.state.nj.us/pinelands/infor/curric/pinecur/tsh.htm (accessed 18 December 2013).

Wikipedia, http://en.wikipedia.org/wiki/Main_Page (accessed 18 December 2013). www.TESS-India.edu.in 15 Using the community: environmental issues

## Acknowledgements

This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes the use of the TESS-India, OU and UKAID logos, which may only be used unadapted within the TESS-India project. Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity. Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.